

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:144+17 September 2026 (Thursday)+Rourkela +Rs.2.00 +Page -1 +୨୨ ବର୍ଷ +ସଂଖ୍ୟା:୧୪୪+୧୭ ସେପ୍ଟେମ୍ବର ୨୦୨୬ (ଗୁରୁବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

# ସମ୍ବଲପୁରରେ ସ୍ଥାପିତ ହେଲା ନୂତନ ଡିପ୍ଲର୍ ରାଡାର

## ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରଥମ



ସମ୍ବଲପୁର,୧୬/୯(ନି/ପ୍ର): ପାଣିପାଗର ସଠିକ ପୂର୍ବାନୁମାନ କରିବା ପାଇଁ ସମ୍ବଲପୁର ଜମଦାରପାଲି ରୋଡ୍ ସ୍ଥିତ ମଧୁପୁରଠାରେ ନୂତନ ଡପଲର୍ ପାଣିପାଗ ରାଡାର୍ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଆଜି (ବୁଧବାର) ଏହି ଆଧୁନିକ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଲୋକାର୍ପିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଭାଷୀ ମାଧମରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡ ଜିତେନ୍ଦ୍ର ସିଂହ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ ମୃତ୍ୟୁଞ୍ଜୟ ମହାପାତ୍ର, ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ (ଓଏସଡିଏମଏ)ର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍ ଉପସ୍ଥିତ ଯୋଗ ଦେଇଥିଲେ। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ପରିଚାଳିତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ (ଓଏସଡିଏମଏ)ର ମିଳିତ ସହଯୋଗରେ ସମ୍ବଲପୁରଠାରେ ଏହି ଆଧୁନିକ କେନ୍ଦ୍ର ନିର୍ମାଣ କରାଯାଇଛି ଓ ଏଠାରେ ନୂତନ ଡପଲର୍ ପାଣିପାଗ ରାଡାର କାର୍ଯ୍ୟକ୍ଷମ ହେବା ଫଳରେ ରାଜ୍ୟରେ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ଆହୁରି ସଶକ୍ତ ଓ ସୁଦୃଢ଼ ହେବ। ସୂଚନାଯୋଗ୍ୟ, ବର୍ତ୍ତମାନ ପାରାଦୀପ ଓ ଗୋପାଳପୁରରେ ଦୁଇଟି ଡପଲର ରାଡାର ସ୍ଥାପିତ ହୋଇଛି। ପଶ୍ଚିମ ଓଡ଼ିଶାର ସମ୍ବଲପୁରଠାରେ ଏହି କେନ୍ଦ୍ର ହେବା ଫଳରେ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକର ପାଣିପାଗ ପୂର୍ବାନୁମାନ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

## ଆରବ ସାଗରରେ ଭାରତ-ପାକିସ୍ତାନ ଜାହାଜ ମୁହାଁମୁହିଁ

ନୂଆଦିଲ୍ଲୀ,୧୬/୯: ମୁହାଁମୁହିଁ ହେଲେ ଭାରତ-ପାକିସ୍ତାନ ଜାହାଜ। ପାକିସ୍ତାନୀ ନୌସେନା ଜାହାଜ ଏବଂ ଭାରତୀୟ ଜାହାଜ ମଧରେ ମୁହାଁମୁହିଁ ହେବା ପରେ ଭାରତ ଜଣେ ପାକିସ୍ତାନୀ କୂଟନୀତିଜ୍ଞଙ୍କୁ ସମନ କରିଛି। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଅନ୍ତର୍ଜାତୀୟ ଜଳସୀମାରେ ପାକିସ୍ତାନୀ ନୌସେନା ୟୁନିଟଗୁଡ଼ିକର ଅଗ୍ରହଣୀୟ ଏବଂ ଅପେକ୍ଷିକ ଆଚରଣ ପରେ ପାକିସ୍ତାନୀ କୂଟନୀତିଜ୍ଞ ସାଦ ଅହମ୍ମଦ ୱାରାଇଚଙ୍କୁ ସମନ କରାଯାଇଥିଲା। ଏହିଘଟଣା ଉପରେ ଏକ ଦୃଢ଼ ପ୍ରତିବାଦ କରାଯାଇଛି। ରିପୋର୍ଟ ଅନୁଯାୟୀ, ଏହି ଘଟଣା ୧୫ ସେପଟ୍ମେର, ୨୦୨୬ ସନ୍ଧ୍ୟାରେ ଘଟିଥିଲା।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


# ସାଉଦିରେ ହୁତିର ଡ୍ରୋନ,ମିସାଇଲ ମାଡ଼, ୧୩ ଆହତ, ଅନେକ ଅଟ୍ଟାଳିକା ଓ ଗାଡ଼ି କ୍ଷତିଗ୍ରସ୍ତ



ମକ୍କା,୧୬/୯: ୟେମନର ହୁତି ବିଦ୍ରୋହୀମାନେ ଆଜି ସାଉଦି ଆରବ ଉପରେ ଡ୍ରୋନ ଓ ମିସାଇଲ ମାଡ଼ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ସାଉଦି ଆରବ ସରକାର ମକ୍କା, ଜେଦାହ ଓ ତେିଫରେ ଜରୁରି ଆଲର୍ଟ ଜାରି କରିଛନ୍ତି । ମକ୍କାରେ ପ୍ରଥମଥର ପାଇଁ ଏଭଳି ସତର୍କ ସୂଚନା ଜାରି କରାଯାଇଛି । ଲୋକମାନଙ୍କୁ ବଡବଡ ଅଟ୍ଟାଳିକା ଠାରୁ ଦୂରେଇ ରହିବାକୁ ଅପିଲ କରାଯାଇଛି । ତେବେ ଏହି ଅପିଲ କରାଯିବାର କିଛି ସମୟ ପରେ ଜରୁରି ଆଲର୍ଟ ପ୍ରତ୍ୟାହାର କରିଦିଆଯାଇଥିଲା । ସିଭିଲ ଡିଫେନ୍ସ ପକ୍ଷରୁ କୁହାଯାଇଛି କି ବିପଦ ଟଳିଯାଇଥିବାରୁ ଆଲର୍ଟ ପ୍ରତ୍ୟାହାର କରାଯାଇଛି । ତଥାପି ଲୋକଙ୍କୁ ଭିଡ ଅଟଂଳରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ସୂଚନା ଅନୁସାରେ ହୁତି ବିଦ୍ରୋହୀମାନେ ଆଜି ସାଉଦି ଆରବର ଖାମିସ ମୁସୈଟ, ଆଭା ଓ ତେିଫ ସହର ଉପରେ ଏକାଧିକ ବାଲିଷ୍ଟକ ମିସାଇଲ୍ ଓ ଡ୍ରୋନ ଆକ୍ରମଣ କରିଛନ୍ତି । ଜନବସତି ଅଟଂଳରେ ଏହି ଆକ୍ରମଣ ଯେଗୁ ୧୩ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି । ଅନେକ ଅଟ୍ଟାଳିକା ଓ ଯାନବାହନ କ୍ଷତିଗ୍ରସ୍ତ ହୋଇଛି । ଆକ୍ରମଣକୁ ନେଇ ଲୋକମାନେ ଭୟଭୀତ ହୋଇପଡିଛନ୍ତି । ଏହି ଘଟଣା ପରେ ସାଉଦି ଆରବ ସରକାର ଲୋକମାନଙ୍କୁ ସତର୍କ କରାଇଛନ୍ତି । ସୁରକ୍ଷିତ ସ୍ଥାନରେ ରହିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି । ବାହାରେ କିୟା ଖୋଲା ସ୍ଥାନରେ ନ ବୁଲି ଘର ଭିତରେ ସୁରକ୍ଷିତ ରହିବାକୁ କୁହାଯାଇଛି । ୟେମେନ ସେନାକୁ ସାଉଦି ଆରବ ସମର୍ଥନ ଜାରି ରଖିଥିବାରୁ ହୁତି ବିଦ୍ରୋହୀମାନେ ଏହି ଦେଶକୁ ଟାର୍ଗେଟ କରିଛନ୍ତି । ସାଉଦି ଆରବର ଭିନ୍ନିଭୂମି ବିଶେଷକରି ତେିଳ ଭିନ୍ନିଭୂମିକୁ ସେମାନେ ଟାର୍ଗେଟ କରି ଡ୍ରୋନ ଓ ମିସାଇଲ୍ ମାଡ଼ କରିଛନ୍ତି । ହୁତିର ଡ୍ରୋନ ଆକ୍ରମଣରେ ସାଉଦିର ଏକ ପ୍ରମୁଖ ତେିଳ ପାଇପ ଲାଇନ କ୍ଷତିଗ୍ରସ୍ତ ହେବା ପରେ ସାଉଦି ଆରବ ତେିଳ ପରିବହନ ବନ୍ଦ କରିଦେଇଛି । ସାଉଦିର ଖାମିସ ମୁସୈଟରେ ଥିବା କିଙ୍ଗ ଖଲିଦ ବିମାନଘାଟିକୁ ଟାର୍ଗେଟ କରି ହୁତି ପକ୍ଷରୁ ୧୨ରୁ ଅଧିକ ମିସାଇଲ୍ ଓ ଡ୍ରୋନ ମାଡ଼ କରାଯାଇଛି । ଫଳରେ ବିମାନବନ୍ଦରରେ ପ୍ରଚଣ୍ଡ ବିସ୍ଫୋରଣ ଘଟିବା ସହ ସେଠାରେ ନିଆଁ ଲାଗିଯାଇଥିଲା । ବିମାନବନ୍ଦରରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ସେହିଭଳି ଆଭା ଓ ତେିଫ ସହରରେ ମଧ ମିସାଇଲ୍ ଓ ଡ୍ରୋନ ଆକ୍ରମଣ ହୋଇଛି । ଏଥିରେ ୭ଟି କୋଠା ଓ ୨ଟି ଗାଡି କ୍ଷତିଗ୍ରସ୍ତ ହୋଇଛି । ୧୩ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି । ଏହାର ପୂର୍ବଦିନ ହୁତି ବିଦ୍ରୋହୀଙ୍କ ପକ୍ଷରୁ ଖାସିମ ମୁସୈଟ, ଆଭା, ଜାଜାନ ଓ ନଜରାନ ସହର ଉପରେ ୫୦ରୁ ଅଧିକ ମିସାଇଲ୍ ଓ ଡ୍ରୋନ ମାଡ଼ କରାଯାଇଥିଲା । ଏଥିରେ ୭୩ ଜଣ ଆହତ ହୋଇଥିଲେ । ହୁତିରେ ଏଭଳି ଘନ ଘନ ଆକ୍ରମଣକୁ ପ୍ରତିହତ କରିବାରେ ସାଉଦି ଆରବ ବିଫଳ ହୋଇଛି । ହୁତିର ମୁକାବିଲା ପାଇଁ ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନ ପଡୋଶୀ ଦେଶ ପାକିସ୍ତାନ ଓ ଆମେରିକାକୁ ସହାୟତା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ଉଭୟ ଦେଶ ସହାୟତା ଦେବାକୁ ମନା କରିଦେଇଛନ୍ତି । ଫଳରେ ସେ ଇସ୍ରାଏଲ ଓ ଇଜିପ୍ଟର ସହାୟତା ଲୋଡିଛନ୍ତି । ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଅଭିଯୋଗ କରିଛନ୍ତି ଯେ ସାଉଦିଆରବ ୟେମେନରେ ଥିବା ସେମାନଙ୍କ କେତେକ ଠିକଣା ଉପରେ ବିମାନ ଆକ୍ରମଣ ଓ କ୍ରୁଜ ମିସାଇଲ୍ ମାଡ଼ କରୁଛି । ୟେମେନର ଦକ୍ଷିଣ ଓ ପଶ୍ଚିମ ଅଟଂଳରେ ସରକାରୀ ସେନା ଓ ହୁତି ବିଦ୍ରୋହୀଙ୍କ ମଧ୍ୟରେ ଘମାଘୋଟ ସଂଘର୍ଷ ଲାଗି ରହିଛି । ସରକାରୀ ସେନା ଛତ୍ରଭଙ୍ଗ ଦେଇ ପଳାଉଥିବା ବେଳେ ହୁତି ବିଦ୍ରୋହୀମାନେ ୪ଟି ଗୁରୁତ୍ୱପୂର୍ଣ୍ଣ ଦ୍ୱୀପକୁ କବ୍ଜା କରିନେଇଛନ୍ତି । ସେମାନେ ବିଶ୍ୱର ଅନ୍ୟତମ ପ୍ରମୁଖ ଜଳମାର୍ଗ ବାବ ଅଲ୍-ମନ୍ଦେବ ନିକଟତର ହୋଇଛନ୍ତି । ହୁତି ବିରୋଧରେ ଲଢ଼େଇ କରି ଗତ କିଛିଦିନ ଭିତରେ ୫୦୦ରୁ ଅଧିକ ସରକାରୀ ସେନା ପ୍ରାଣ ହରାଇଛନ୍ତି । ସରକାରଙ୍କ ସମର୍ଥନରେ ଲଢୁଥିବା ନ୍ୟାସନାଲ ରେଜିଷ୍ଟାନ୍ସ ଫୋର୍ସ ପକ୍ଷରୁ ଏହି ଦାବି କରାଯାଇଛି ।

# ଅକ୍ଟୋବରରେ ଲାଗୁ ହେବ ଭାରତ-ନ୍ୟୁଜିଲାଣ୍ଡ ବାଣିଜ୍ୟ ଚୁକ୍ତି

## ଭାରତୀୟ ରପ୍ତାନିରେ ଲାଗିବନି ଟିକସ



ନୂଆଦିଲ୍ଲୀ,୧୬/୯ : ଭାରତ ଏବଂ ନ୍ୟୁଜିଲାଣ୍ଡ ମଧରେ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ଅକ୍ଟୋବର ୧୯ରୁ ବିଧିବଦ୍ଧ ଭାବେ ଲାଗୁ ହେବା ନେଇ ଆଶା କରାଯାଉଛି । ୨ ଦେଶ ମଧରେ ଗତ ଏପ୍ରିଲ ୨୭ରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଦ୍ୱିପାକ୍ଷିକ ବାଣିଜ୍ୟକୁ ବୃଦ୍ଧି କରିବା ଏବଂ ବିଦେଶୀ ନିବେଶକଙ୍କୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ । ଏହାଦ୍ୱାରା ଭାରତର ଶତ ପ୍ରତିଶତ ରପ୍ତାନି ଶୁଳ୍କମୁକ୍ତ ରହିବ । ବର୍ତ୍ତମାନ ନ୍ୟୁଜିଲାଣ୍ଡ ଭାରତର ସେରାମିକ, ଗାଲିଚା, ଅଟୋମୋବାଇଲ, ଅଟୋ ଯନ୍ତ୍ରାଂଶ ଭଳି ପ୍ରମୁଖ ଉତ୍ପାଦ ଉପରେ ୧୦% ପର୍ଯ୍ୟନ୍ତ ଟିକସ ଲାଗୁ କରୁଛି । ଏଫ୍‌ଟିଏ ଲାଗୁ ହେବା ପରେ ଏସବୁ ସାମଗ୍ରୀ ସମେତ ସମସ୍ତ ଭାରତୀୟ ଉତ୍ପାଦ ନ୍ୟୁଜିଲାଣ୍ଡ ବଜାରରେ ସମ୍ପୂର୍ଣ୍ଣ ଶୁଳ୍କମୁକ୍ତ ଭାବେ ପ୍ରବେଶ କରିବ । ୧୫ ବର୍ଷ ମଧରେ ୨୦ ବିଲିୟନ ଡଲାର ନିବେଶ କରିବ ନ୍ୟୁଜିଲାଣ୍ଡ । ସେବା କ୍ଷେତ୍ରରେ ଦେଶର ଆଇଟି, ଶିକ୍ଷା, ଆର୍ଥିକ ସେବା, ନିର୍ମାଣ ଏବଂ ପର୍ଯ୍ୟଟନ କ୍ଷେତ୍ର ପାଇଁ ବଡ଼ ସୁଯୋଗ ସୃଷ୍ଟି ହେବ । ଏହା ସହିତ ଆୟୁଷ, ଯୋଗ ପ୍ରଶିକ୍ଷକ, ଭାରତୀୟ ରୋଷେୟା ଏବଂ ସଙ୍ଗୀତ ପ୍ରଶିକ୍ଷକଙ୍କ ପାଇଁ ନୂଆ ରାସ୍ତା ଖୋଲିବ ।

# ଦୁଇ ଦିନ ବର୍ଷା



ଭୁବନେଶ୍ୱର,୧୬/୯(ନି/ପ୍ର): ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତୀ ଉତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। କିନ୍ତୁ ମଙ୍ଗଳବାର ରାଜ୍ୟରେ ବିଶେଷ ବର୍ଷା ହୋଇନାହିଁ। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୧୮ତାରିଖରୁ ପୁଣି ଉତର ଓ ଉପକୂଳବର୍ତୀ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ ଘଟାଂ ମଧରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋରଧା ଏବଂ ନୟାଗଡ଼ ଜିଲାର କିଛି ଅଟଂଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଉପରୋକ୍ତ ଜିଲାଗୁଡ଼ିକ ମଧରେ ଘଟାଂ ପ୍ରତି ୩୦ରୁ ୪୦କି.ମି ବେଗରେ ପବନ ବହିପାରେ। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ଏହି ସବୁଜିଲାଗୁଡ଼ିକୁ ୟେଲୋ ୱର୍ଣ୍ଣିଂ ଦିଆଯାଇଛି।

# ମଣିପୁର ହିଂସା :

## ନାଗା ଗାଁ ଉପରେ ଆକ୍ରମଣ କରି ୫ ଘର ପୋଡ଼ିଦେଲେ କୁକି ଆତଙ୍କବାଦୀ



ଇମ୍ଫାଲ,୧୬/୯: ଜାତିଗତ ହିଂସା ପ୍ରଭାବିତ ମଣିପୁରର କାଙ୍ଗପୋକପିର ନାଗା ଗ୍ରାମ ଚାଓ୍ୱାଙ୍ଗକିନିଙ୍ଗରେ ସନ୍ଦିଗ୍ଧ କୁକି ଆତଙ୍କବାଦୀ ଆକ୍ରମଣ କରିବା ପରେ ଅତି କମ୍‌ରେ ୫ଟି ଘର ପୋଡ଼ି ଦିଆଯାଇଛି। ଦୁଇ ପକ୍ଷ ମଧରେ ଗୁଳିବିନିମୟ ହୋଇଛି। ଗତ ଚାରି ଦିନ ମଧରେ ରାଜ୍ୟରେ ଛଅ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମଙ୍ଗଳବାର ତାମେଙ୍ଗଲଙ୍ଗରେ ଦୁଇ ଜଣ କୁକି ମହିଳାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା, ଦୁଇ ଦିନ ପରେ କୁକି ସମ୍ପ୍ରଦାୟର ଆଉ ଚାରି ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ତେବେ ଚାଓ୍ୱାଙ୍ଗକିନିଙ୍ଗରେ ହିଂସା ପାଇଁ ପୁଲିସ ମାମଲା ରୁଜୁ କରିଥିଲେ ମଧ କୌଣସି ଗୋଷ୍ଠୀ ନିଆଁ ଲଗାଇବା ପାଇଁ ନିଜକୁ ଦାୟୀ କରିନାହାନ୍ତି। ଚାଓ୍ୱାଙ୍ଗକିନିଙ୍ଗର ବାସିନ୍ଦା ଡାନିଏଲ ଚାରେନାମଲାଇ କହିଛନ୍ତି, ସଶସ୍ତ୍ର କୁକି ଆତଙ୍କବାଦୀ ମଙ୍ଗଳବାର ରାତି ୧୦ଟା ୩୦ ବେଳେ ଗାଁ ଉପରେ ଆକ୍ରମଣ କରିଥିଲେ। ବୁଧବାର ସକାଳ ୫ଟା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିଥିଲା। କାଙ୍ଗପୋକପି ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୧୩ କିଲୋମିଟର ଦୂରରେ ଅବସ୍ଥିତ ଚାଓ୍ୱାଙ୍ଗକିନିଙ୍ଗ୍ ହେଉଛି ନାଗା ଓ କୁକି ଗ୍ରାମ ମଧରେ ଅବସ୍ଥିତ ଏକ ନାଗା ଲିଆଙ୍ଗମାଇ ଗ୍ରାମ। ନେପାଳୀ, ମାଓ, ରଙ୍ଗମେଇ ଓ ପାଓମେଇ ସମେତ ଅନ୍ୟାନ୍ୟ ସମ୍ପ୍ରଦାୟ ମଧ ଏହି ଗ୍ରାମରେ ବାସ କରନ୍ତି। ପ୍ରାୟ ୧୦୦ ଜଣ ସଶସ୍ତ୍ର ଆତଙ୍କବାଦୀ ମଙ୍ଗଳବାର ସେମାନଙ୍କ ଗାଁ ଉପରେ ଆକ୍ରମଣ କରିଥିଲେ ଓ ଅତି କମ୍‌ରେ ୫ଟି ଘର ଓ ତାଙ୍କ ଦୋକାନ ପୋଡ଼ି ଦେଇଥିବା ଡାନିଏଲ୍ କହିଛନ୍ତି। ସୁରକ୍ଷାକର୍ମୀଙ୍କ ନିଷ୍କ୍ରିୟତାକୁ ଏଥିପାଇଁ ସେ ଦାୟୀ କରିଛନ୍ତି। ନାଗା ଭିଲେଜ ଗାର୍ଡସ ପାଲଟା ଆକ୍ରମଣ କରିଥିଲେ ଓ କେହି ଆହତ ହୋଇନାହାନ୍ତି। ଫେବ୍ରୁଆରିରୁ ଆରମ୍ଭ ହୋଇଥିବା ହିଂସା ପରଠାରୁ ଉଭୟ ସମ୍ପ୍ରଦାୟର ୩୦ ଜଣଙ୍କୁ ହତ୍ୟା କରାଯାଇଛି।

# ପୁଣି ଏପ୍ରିଲରେ ଖୋଲିବ ସୁଭଦ୍ରା ପୋର୍ଟାଲ

ଭୁବନେଶ୍ୱର,୧୬/୯(ନି/ପ୍ର): ଆସନ୍ତାକାଲି ସୁଭଦ୍ରା ଯୋଜନାର ୨ବାର୍ଷିକ ଜନ୍ମଦିନ ପାଳନ କରାଯିବ। ୧ କୋଟି ୩ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୨୫, ୮୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ସୁଭଦ୍ରା ସାଜିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଆଜି ସଚିବାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ୨ ବର୍ଷ ତଳେ ସୁଭଦ୍ରା ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଓଡ଼ିଶାରେ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷ ନିରନ୍ତର ଲୋକସେବା, ସଙ୍କଳ୍ପ ଓ ଅଭିଯାନ ପାଳନ ସହିତ ସୁଭଦ୍ରା ଯୋଜନାର ୨ୟ ବାର୍ଷିକ ପାଳନ ଅବସରରେ ଆସନ୍ତାକାଲି ସଂଧାରେ ରାଜ୍ୟର ସମସ୍ତ ୩୩୮ଟି ଆଇସିଡିଏସ ରେଙ୍ଗୋଲି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତାକାଲି ସୁଭଦ୍ରା ଯୋଜନାର ୨ବାର୍ଷିକ ଜନ୍ମଦିନ ପାଳନ କରାଯିବ।

## ଲଣ୍ଡନରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ଼

# ସୁରକ୍ଷା ଦୃଷ୍ଟିରୁ କାର୍ଯ୍ୟକ୍ରମ ବାତିଲ କଲା ପୁଲିସ



ଲଣ୍ଡନ,୧୬/୯: ବ୍ରିଟେନର ରାଜଧାନୀ ଲଣ୍ଡନରେ ଥିବା ଶାର୍ଡ କୋଠା ନିକଟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କ ସାର୍ବଜନୀନ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। କାର୍ଯ୍ୟକ୍ରମ ପୂର୍ବରୁ ସ୍ଥିର କରାଯାଇଥିଲା, କିନ୍ତୁ ପ୍ରବଳ ଭିଡ଼ ଜମା ହେବା ପରେ, ସୁରକ୍ଷା ଚିନ୍ତାକୁ ଦର୍ଶାଇ ପୁଲିସ ଏହାକୁ ବାତିଲ କରିଛି। ବିଜୟଙ୍କ ଏକ ଝଲକ ପାଇବା ପାଇଁ ଲଣ୍ଡନର ସବୁଠାରୁ ଉଚ୍ଚ କୋଠା, ଶାର୍ଡ ବାହାରେ ବହୁ ସଂଖ୍ୟକ ପ୍ରଶଂସକ ଏକାଠି ହୋଇଥିଲେ। ଅନେକ ଲୋକ ଘଟାଂ ଘଟାଂ ଅପେକ୍ଷା କରିଥିଲେ, କିନ୍ତୁ ଆୟୋଜକମାନେ ଘୋଷଣା କରିଥିଲେ ଯେ, ଏହି କାର୍ଯ୍ୟକ୍ରମ ହେବ ନାହିଁ। ଲାଉଡସ୍ପିକର ମାଧମରେ ଜନସମାବେଶକୁ ସମ୍ବୋଧିତ କରି ବିଜୟଙ୍କ ଦଳର ଜଣେ ସଦସ୍ୟ ସୂଚନା ପ୍ରଦାନ କରିଥିଲେ ଯେ, ଆବଶ୍ୟକୀୟ ସୁରକ୍ଷା ଅନୁମତି ଅଭାବରୁ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ବିଜୟଙ୍କ କାର୍ଯ୍ୟକ୍ରମ ବାତିଲ ତାଙ୍କ ପ୍ରଶଂସକଙ୍କୁ ନିରାଶ କରିଥିଲା। ସେମାନଙ୍କ ମଧରୁ ଅନେକ ଯୋଗଦେବା ପାଇଁ ବହୁତ ଦୂର ଯାତ୍ରା କରିଥିଲେ ଏବଂ କାର୍ଯ୍ୟକ୍ରମ ସ୍ଥଳ ବାହାରେ ବହୁ ସମୟ ବିତାଇଥିଲେ। ବାତିଲ ହେବା ପରେ, କେତେକ ପ୍ରଶଂସକ ମନ୍ତବ୍ୟ ଦେଇଥିଲେ ଯେ, ସୁରକ୍ଷା ଦୃଷ୍ଟିକୋଣରୁ ଏହା ଯଥାର୍ଥ ହୋଇଥାଇପାରେ ମାତ୍ର ଯେଉଁମାନେ ଅପେକ୍ଷା କରିଥିଲେ ସେମାନଙ୍କ ବିଷୟରେ ମଧ ବିଚାର କରାଯିବା ଉଚିତ୍ ଥିଲା। ଲୋକମାନେ ସେମାନଙ୍କର କାମ ଛାଡି ଏଠାରେ ପହଟିଂବା ପାଇଁ ଦୀର୍ଘ ଦୂରତା ଯାତ୍ରା କରିଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ବର୍ତମାନ ୟୁକେରେ ଅଛନ୍ତି । ତାଙ୍କ ସହିତ ତାମିଲନାଡୁ ସରକାରଙ୍କ ଏକ ପ୍ରତିନିଧି ଦଳ ମଧ ଅଛନ୍ତି। ଏହି ପ୍ରତିନିଧି ଦଳ ରାଜ୍ୟ ପାଇଁ ନିବେଶ ସଂଗ୍ରହ ମିଶନରେ ଅଛନ୍ତି। ଯାହାର ଲକ୍ଷ୍ୟ ବିଶ୍ୱସ୍ତରୀୟ ନିବେଶକଙ୍କୁ ରାଜ୍ୟକୁ ଆକର୍ଷିତ କରିବା। ପ୍ରତିନିଧି ଦଳ ଗସ୍ତ ସମୟରେ ଅନେକ ଚୁକ୍ତି ସ୍ୱାକ୍ଷର କରିଛନ୍ତି, ଯାହା ଦ୍ୱାରା ପ୍ରାୟ ୧୨,୩୦୦ କୋଟିର ପ୍ରସ୍ତାବିତ ନିବେଶ ଆସିବ।

# ଇସ୍ରାଏଲକୁ ୪୦ ହଜାର ବୋମା ଏବଂ ୨.୮ ବିଲିୟନ ଡଲାର ଦେବେ ଟ୍ରମ୍ପ:

## ଅସ୍ତ୍ରଶସ୍ତ୍ର-ଆର୍ଥିକ ସହାୟତା ବନ୍ଦ କରିଥିଲେ ବାଇଡେନ



ୱାସିଂଟନ/ଜେରୁସାଲେମ,୧୬/୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଏବଂ ଏକ ବଡ଼ ଧରଣର ଆର୍ଥିକ ସହାୟତା ଯୋଗାଇବାକୁ ପ୍ରସ୍ତୁତ ହେଉଛି। ରିପୋର୍ଟ ଅନୁଯାୟୀ ପ୍ରଶାସନ ଇସ୍ରାଏଲକୁ ୨.୮ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ପ୍ୟାକେଜ୍ ଜାରି କରିବ। ଏହି ପ୍ୟାକେଜ୍ ଦ୍ୱାରା ୨ ହଜାର ପାଉଣ୍ଡ ବିଶିଷ୍ଟ ୪୦ ହଜାର ଶକ୍ତିଶାଳୀ ବୋମା କ୍ରୟ କରାଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅସ୍ତ୍ରଶସ୍ତ୍ର କ୍ରୟ ପାଇଁ ଉଦ୍ଦିଷ୍ଟ ଏହି ଆର୍ଥିକ ପ୍ୟାକେଜ୍ ଗାଜାରେ ଅପବ୍ୟବହାର ହୋଇପାରେ ବୋଲି ଆଶଙ୍କା କରି ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନ ୨୦୨୪ରେ ଏହି ପ୍ୟାକେଜ୍‌କୁ ଅବରୋଧ କରିଥିଲେ। ୪୦ ହଜାର ବୋମା ମଧରେ ୨୦ ହଜାର ଏମକେ-୮୪ ଏବଂ ୨୦ ହଜାର ବିଏଲୟୁ-୧୧୭ ବୋମା ଅନ୍ତର୍ଭୁକ୍ତ ରହିବ। ତେବେ ପ୍ୟାକେଜ୍ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ପ୍ରସ୍ତାବିତ ଚୁକ୍ତି ବିଷୟରେ ଆମେରିକୀୟ କଂଗ୍ରେସକୁ ଅନୌପଚାରିକ ଭାବରେ ସୂଚନା ଦିଆଯାଇଛି। ଚୁକ୍ତି ପାଇଁ ଅଧିକାଂଶ ଦେୟ ବିଦେଶୀ ସାମରିକ ଆର୍ଥିକ ସହାୟତା (ଏଫଏମଏଫ) ମାଧମରେ କରାଯିବ। ଏହା ଅନ୍ତର୍ଗତ ଆମେରିକୀୟ କରଦାତାଙ୍କ ଟଙ୍କା ଇସ୍ରାଏଲକୁ ଆମେରିକୀୟ ଅସ୍ତ୍ରଶସ୍ତ୍ର କ୍ରୟ କରିବା ପାଇଁ ଦିଆଯିବ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧରେ କିଛି ମତଭେଦ ସତ୍ତ୍ୱେ, ଏହି ବିକ୍ରୟ ଆମେରିକା-ଇସ୍ରାଏଲ ସାମରିକ ମେଂଟର ନିବିଡ଼ତାକୁ ସୂଚିତ କରୁଛି।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122



କେନ୍ଦୁଝରରେ ବିଘ୍ନନାଶକ ଗଜାନନଙ୍କ ପୂଜା ସମାରୋହରେ ସମ୍ପନ୍ନ

## ବଜ୍ରାଘାତ ମୃତକ ପରିବାରକୁ ସହାୟତା

ଭଦ୍ରକ, ୧୬/୯(ନି/ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକ ଚାରିଗାଁ ପଚାଂୟତ ତେଲନଟୀ ମାଝୀ ସାହିର ଚାମରା ହୋଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଥିଲା । ସେ ଅଭାବି ପରିବାରର ହୋଇଥିବାରୁ ଏକାଦଶାହ କ୍ରିୟା ଅବସରରେ ସଂପୃକ୍ତ ଅଚଂଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଚାଚଡେଇ ପକ୍ଷରୁ ଶୋକସନ୍ତପ୍ତ ପରିବାରକଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହଯୋଗ ରାଶି ପ୍ରଦାନ କରାଯାଇଛି। ସଂଗଠନର ସଂଯୋଜକ ଅବସରପ୍ରାପ୍ତ ସୈନିକ ଧରଣୀ ଧର କରଙ୍କ ଆବାହାକତ୍ୱରେ ସଭାପତି ଜୟଦେବ ସାହୁ, ସମ୍ପାଦକ ସୁଦର୍ଶନ ଜେନା, କୋଷାଧ୍ୟକ୍ଷ ସନ୍ତୋଷ ପଣ୍ଡା, ସନାତନ ସେଠୀ, ଶ୍ରୀବତ୍ସ କର,ଭୁପେନ୍ଦ୍ର ନାୟକ,ରବିନ୍ଦ୍ର ଜେନା, ସନ୍ତୋଷ ସାହୁ, ମଳୟ ରାଉଳ, ପ୍ରଭାତ ସାହୁ, ଅ ବନମାଳି ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ।

# ଚୌଜିଲ୍ଲା ମେହେର ସମାଜ ମହାସଭା ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୧୬/୯(ନି/ପ୍ର): ଯୁବପିଢ଼ିଙ୍କୁ ପ୍ରାଧାନ୍ୟ, ସମାଜର ଉନ୍ନତି ଉପରେ ଗୁରୁତ୍ୱ : ଆଗାମୀ ଚୌଜିଲ୍ଲା ମେହେର (ଭୁଲିଆ) ସମାଜ ମହାସଭାକୁ ସଫଳ କରିବା ନେଇ ଲଖନପୁର ବ୍ଲକ ଅନ୍ତର୍ଗତ ପଲସଦା ଗ୍ରାମର କଲ୍ୟାଣ ମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଚୌଜିଲ୍ଲା ସଭାପତିଙ୍କ ଅଧ୍ୟକ୍ଷତାରେ ଏବଂ ପଲସଦା ଆଂଚଳିକ ସଭାପତି ଗଙ୍ଗାଧର ମେହେରଙ୍କ ଉପସ୍ଥିତିରେ ଏହି ବୈଠକ ହୋଇଥିଲା । ବୈଠକରେ ମହାସଭାର କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ମେହେର, ମୁଖ୍ୟ ସଂଯୋଜକ ପବିତ୍ର ମେହେର, ଉପ-ସଭାପତି ବଂଶୀଧର ମେହେର, କୋଷାଧ୍ୟକ୍ଷ ପ୍ରଦୀପ ମେହେର, ଏଡିଟର ରାହାସ ବିହାରୀ ମେହେର, ସହ-ସଂଯୋଜକ ପ୍ରମୋଦ ମେହେରଙ୍କ ସମେତ ପଲସଦା ଆଂଚଳିକ ଗୁଡ଼ି ଅଧୀନ ବିଭିନ୍ନ ଗ୍ରାମ୍ୟ କମିଟିର ସଭାପତି ଓ କର୍ମକର୍ତ୍ତା ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଆଗାମୀ ମହାସଭାର ଆୟୋଜନ, ପରିଚାଳନା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିସହ ମେହେର ସମାଜର ଯୁବପିଢ଼ିଙ୍କୁ ଅଧିକ ଭାବେ ସାମିଲ କରିବା ସହ ସମାଜର ଏକତା, ଶିକ୍ଷା, ସାମାଜିକ ସଚେତନତା ଓ ଉନ୍ନତି ମୂଳକ କାର୍ଯ୍ୟକୁ ଆଗେଇ ନେବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା । ଏହି ଅବସରରେ ରାମଚନ୍ଦ୍ର ମେହେର,ଶଙ୍କର ମେହେର, ଆନନ୍ଦ ମେହେର, ପଂଚାନନ ମେହେର, ତୀର୍ଥବାସୀ ମେହେର ଓ ସମ୍ରାଟ ମେହେର ପ୍ରମୁଖ ନିଜ ନିଜ ମତ ରଖିଥିଲେ । ପଲସଦା ଆଂଚଳିକ ଗୁଡ଼ିର ବରିଷ୍ଠ ସମାଜସେବୀ ତଥା ଉପସଭାପତି ଲମ୍ବୋଦର ମେହେରଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ନା ପ୍ରହସନ

ଘଟଗାଁ,୧୬/୯(ନି/ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ଏକ ସପ୍ତାହରୁ ଅଧିକ ହେବ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ନିଶା ନିବାରଣ ଲାଗି ହାତରେ ପ୍ଲା କାର୍ଡ ଧରି ଶୋଭାଯାତ୍ରାରେ ବାହାରି ଛକ ବଜାର ବସଷ୍ଟାଣ୍ଡ ଇତ୍ୟାଦି ଜନଗହଳି ସ୍ଥାନରେ ନିଶା ସେବନ ଦ୍ୱାରାକୁ ପ୍ରଭାବ ଶିକାର ହୋଇ ନିଜର ସହିତ ପରିବାର ଦୁଃଖ ଉପରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି । ବିଭିନ୍ନ ଥାନା ଗୁଡିକରେ ମଧ୍ୟ ବରିଷ୍ଠ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ସଚେତନତା ସଭା କରାଯାଉଛି । ତେବେ ବାସ୍ତବତାକୁ ଦେଖିଲେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ନୁହେଁ ଏହା ଏକ ପ୍ରହସନ ଭଳି ମନେ ହେଉଛି । ବିଭିନ୍ନ ବିଦ୍ୟାଳୟ ଗୁଡିକରେ ନିଶା ନିବାରଣ ସଚେତନ ଅଭିଯାନ ଚାଲୁଥିଲେ ସୁଦ୍ଧା ଜିଲ୍ଲାର ଅନେକ ଗାଁ ଗୁଡିକରେ ରନ୍ଧା ଦେଶୀ ମହୁଲି ମଦ ପ୍ରସ୍ତୁତ କରି ଆଖପାଖ ଗାଁ ଗୁଡିକୁ ଚାଲାଣ କରାଯାଉଛି । ଗାଁ ଗୁଡିକରେ ମହୁଲି ମଦ ବିକ୍ରି କରି ବ୍ୟବସାୟୀ ମାଲେ ମାଲ ହେଉଥିବା ବେଳେ ଅନେକ ଘରେ ପାରିବାରିକ କଳହ ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଯାଉଛି । ଅନ୍ୟପକ୍ଷରେ ନିଶା ଦ୍ରବ୍ୟ ସେବନ ଯୋଗୁ ଅନେକ ପିଲା ଅନାଥ ହେବା ସଙ୍ଗେ ସଙ୍ଗେ ମହିଳା ମାନେ ବିଧବା ହେଉଛନ୍ତି । ତାଙ୍କୁ ସାହାଯ୍ୟ କରିବା ପାଇଁ ପରିବାର ମଙ୍ଗଳ, ବିଧବା ଭତା ଭଳି ଅନେକ ଯୋଜନାରେ ରାଜସ୍ୱ ହାନି ହେଉଛି । ସାଧାରଣରେ ଆଲୋଚନା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନିଶା ନିବାରଣ ସଚେତନ କାର୍ଯ୍ୟକ୍ରମ କରୁଥିବା ବେଳେ ନିଶା କାରବାର ବ୍ୟବସାୟ କରୁଥିବା ବ୍ୟବସାୟୀ ନିର୍ଭୟରେ ମାଦକ ଦ୍ରବ୍ୟ ବିକ୍ରି କରୁଛନ୍ତି । ଫଳରେ ଚୋରି, ଡକାୟତି, ବଳାତ୍କାର ଭଳି ଘଟଣା ବଢ଼ି ଚାଲିବା ସଙ୍ଗେ ସଙ୍ଗେ ଶୃଙ୍ଖଳା ବ୍ୟବସ୍ଥା ଉଜୁଡି ଯାଉଛି । ଅବଶ୍ୟ ଅନେକ ସମୟରେ ପୁଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ ହେଉଥିଲେ ସୁଦ୍ଧା ସଫଳତା ମିଳୁ ଥିଲେ ମଧ୍ୟ ଆସାମୀଙ୍କୁ ଧରିବାରେ ବିଫଳ ହେଉଛନ୍ତି । ଉକ୍ତ ଘଟଣା ଗୁଡିକୁ ଲକ୍ଷ୍ୟ କଲେ ମନେ ହେଉଛି ନିଶା ନିବାରଣ ସଚେତନତା କାର୍ଯ୍ୟକାରୀ ନୁହେଁ ବରଂ ଏହା ଏକ ପ୍ରହସନ ।

# ଏସ୍‌ପିଙ୍କ ବାସଭବନ ନିକଟରେ ଘରୁ ଚୋରି

## ୨୫ ଲକ୍ଷ ଟଙ୍କାର ପାଟ ଶାଢ଼ୀ ସହ ନଗଦ ଓ ରୂପା ସାମଗ୍ରୀ ଚୋରି



ନୂଆପଡ଼ା,୧୬/୯(ନି/ପ୍ର): ନୂଆପଡ଼ା ସହରରେ ଗତକାଲି ରାତିରେ ଚୋରି ଘଟଣା ଘଟିଛି । ଜାତୀୟ ରାଜପଥ ୩୫୩ କଡ଼ରେ ଥିବା ଏସ୍‌ପି ଅମ୍ରିତପାଲ ସିଂହଙ୍କ ବାସଭବନ ନିକଟରେ ଘରକୁ ଚୋରମାନେ ଟାର୍ଗେଟ କରିଛନ୍ତି । ଅବସରପ୍ରାପ୍ତ ପ୍ରଫେସର କିଶୋର କୁମାର ବାରିକ ଓ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଝାଙ୍କରଙ୍କ ଘରେ ଚୋରି ହୋଇଥିବା ଜଣାପଡ଼ିଛି । ଚୋରମାନେ ଘରେ ପଶି ୨୫ ଲକ୍ଷ ଟଙ୍କା ମୂଲ୍ୟର ପାଟ ଶାଢ଼ୀ, ନଗଦ ଟଙ୍କା, ରୂପା ସାମଗ୍ରୀ ଓ ରୂପା କଏନ୍ ଚୋରି କରି ନେଇଥିବା ସୂଚନା ମିଳିଛି । ଆଜି ସକାଳୁ ଘଟଣା ଜଣାପଡ଼ିବା ପରେ ନୂଆପଡ଼ା ପୁଲିସକୁ ସୂଚନା ଦିଆଯାଇଥିଲା । ଖବର ପାଇ ନୂଆପଡ଼ା ପୁଲିସ ଘଟଣାସ୍ଥଳରେ ପହଚିଂ ତଦନ୍ତ ଜାରି ରଖିଛି । ଚୋରି ଘଟଣାର ବିଭିନ୍ନ ଦିଗକୁ ନେଇ ପୁଲିସ ଛାନଭିନ୍ କରୁଥିବା ବେଳେ ଚୋରଙ୍କୁ ଧରିବା ପାଇଁ ତଦନ୍ତ ଜୋରଦାର କରାଯାଇଛି ।ଏସ୍‌ପିଙ୍କ ବାସଭବନ ନିକଟରେ ଓ ଜାତୀୟ ରାଜପଥ କଡ଼ରୁ ଘରେ ଚୋରି ଘଟଣାକୁ ନେଇ ସହରରେ ଚର୍ଚ୍ଚା ଜୋର ଧରିଛି । ପୁଲିସ ତଦନ୍ତ ପରେ ଚୋରି ଘଟଣାର ଅଧିକ ତଥ୍ୟ ସ୍ପଷ୍ଟ ହେବ ।

## ବନ୍ତରେ ଦେଶୀ ମଦ ଜବତ

ଭଦ୍ରକ,୧୬/୯(ନି/ପ୍ର): ଏହି ଜିଲାର ବନ୍ତ ପୋଲିସ ରବିବାର ପୋଟ୍ରୋଲିଂ ସମୟରେ ଦେଶୀ ମଦ ଜବଦ କରିଛି । ଚୋରା ମଦ ବିକ୍ରୀରେ ସଂପୃକ୍ତ ବ୍ୟକ୍ତି ଜଣକ ହେଲେ ଛୟାଳସିଂ ଗ୍ରାମର ରବିନ୍ଦ୍ର ଜେନା । ତାଙ୍କ ନିକଟରୁ ୪୫ ପ୍ୟାକେଟ ମହୁଲି ମଦ ଜବଦ କରିଛି ପୋଲିସ୍ । ସେହିପରି ଟିଲୋ ତେଲିସାହିର ପ୍ରମୋଦ କୁମାର ଧଳଙ୍କ ଘରେ ଚଢାଉ କରାଯାଇ ୪୦ ପ୍ୟାକେଟ୍ ମଦ ଜବଦ କରାଯାଇଛି ।

# ଗଣେଶ ଚତୁର୍ଥୀରେ ଜନ୍ମ ନେଲା ହାତୀ ଶାବକ



କେନ୍ଦୁଝର,୧୬/୯(ନି/ପ୍ର): ପବିତ୍ର ଗଣେଶ ଚତୁର୍ଥୀରେ କେନ୍ଦୁଝର ଜିଲ୍ଲାରୁ ଆସିଛି ଏକ ଶୁଭ ଖବର । ଜିଲ୍ଲାରେ ଗଣେଶ ଚତୁର୍ଥୀ ଅବସରରେ ଜନ୍ମ ନେଇଛି ଏକ ହାତୀ ଶାବକ । ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନ୍ ରେ ଥିବା ୨୧ ଟିକିଆ ହାତୀପଲରୁ ଏକ ହାତୀଛୁଆ ଜନ୍ମ ନେଇଥିବାରୁ ସେଠାରେ ମୋଟ୍ ହାତୀ ସଂଖ୍ୟା ଏବେ ୨୨ରେ ପହଚିଂଛି । ଏହି ସୂଚନା ଦେଇଛନ୍ତି କେନ୍ଦୁଝର ଡିଏଫ୍‌ଓ । ହାତୀଛୁଆ ଏବେ ସୁସ୍ଥ ଥିବା ବେଳେ, ହାତୀପଲଙ୍କ ସହିତ ଚଳପ୍ରଚଳ କରିବା ସହ, ମା ଠାରୁ କ୍ଷୀରପାନ କରୁଥିବା ସୂଚନା ଦେଇଛନ୍ତି ଡିଏଫ୍‌ଓ । ହାତୀପଲ ପ୍ରତି ବନ ବିଭାଗର ସ୍ଥାନୀୟ କର୍ମଚାରୀ ନଜର ରଖିଥିବା ବେଳେ, ମା ଏବଂ ଛୁଆହାତୀ କିପରି ସୁରକ୍ଷିତ ଏବଂ ଭଲରେ ରହିବେ ସେଥିପ୍ରତି ସଜାଗ ଅଛନ୍ତି । ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ହାତୀ ଶାବକ ଜନ୍ମ ହେବା ଜିଲ୍ଲାବାସୀଙ୍କୁ ଖୁସି ଆଣିଦେବା ସହ ଜିଲ୍ଲାରେ ଏହା ହାତୀ ସଂରକ୍ଷଣର କ୍ଷେତ୍ରରେ ଏକ ସକାରାତ୍ମକ ସଂକେତ ବୋଲି ସୂଚନା ମିଳିଛି ।

# ମଦ ମାଫିଆଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଲେ ବ୍ଲକ୍ ଅଧ୍ୟକ୍ଷା

ଜୟପୁର,୧୬/୯(ନି/ପ୍ର): ଜୟପୁରରେ ମଦ କାରବାରକୁ ନେଇ ଉଠିଛି ବଡ଼ ପ୍ରଶ୍ନ । ଯେଉଁଠି ଅବକାରୀ ବିଭାଗ ଓ ପୋଲିସର ନଜର ଏଡ଼ାଇ ବେଧଡ଼କ ଚାଲିଥିଲା ମଦ କାରବାର, ସେଠାରେ ମଦ ମାଫିଆଙ୍କୁ ଧରିବାକୁ ନିଜେ ମଇଦାନକୁ ଓହ୍ଲାଇଲେ କୁନ୍ଦୁରା ବ୍ଲକ୍ ଅଧ୍ୟକ୍ଷା । ମଦ ମାଫିଆଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବାର ଘଟଣା ଏବେ ଚର୍ଚ୍ଚାର ବିଷୟ । କୁନ୍ଦୁରା ବ୍ଲକ୍ ଅଚଂଳରେ ଦିନକୁ ଦିନ ବଢ଼ୁଛି ବେଆଇନ ମଦ କାରବାର । ଅଭିଯୋଗ ଅନୁସାରେ, ଗାଁ ଗାଁରେ ଚାଲିଛି ଚୋରା ମଦ ବିକ୍ରି । ଏହାକୁ ନେଇ ଅଚଂଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗର ଭୂମିକାକୁ ନେଇ ଉଠିଛି ପ୍ରଶ୍ନ । ଏଭଳି ସମୟରେ ମଦ ମାଫିଆଙ୍କ ବିରୋଧରେ ନିଜେ ଆଗକୁ ଆସିଛନ୍ତି କୁନ୍ଦୁରା ବ୍ଲକ୍ ଅଧ୍ୟକ୍ଷା । ମଦ କାରବାର ଚାଲିଥିବା ଖବର ପାଇବା ପରେ ଘଟଣାସ୍ଥଳରେ ପହଚିଂ ଥିଲେ । ଆଉ ମଦ ମାଫିଆଙ୍କୁ ଧରିବା ପାଇଁ ଆରମ୍ଭ ହୋଇଥିଲା ଗୋଡ଼ାଗୋଡ଼ି । ଏଠି ପ୍ରଶ୍ନ ଉଠୁଛି, ଯେଉଁ କାମ ପୋଲିସ ଓ ଅବକାରୀ ବିଭାଗ କରିବା କଥା, ସେହି କାମ ପାଇଁ କାହିଁକି ଜଣେ ଜନପ୍ରତିନିଧିଙ୍କୁ ରାସ୍ତାକୁ ଓହ୍ଲାଇବାକୁ ପଡ଼ିଲା ? ଅଚଂଳରେ ଏତେ ପରିମାଣରେ ବେଆଇନ ମଦ କାରବାର ଚାଲିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନଜର କାହିଁକି ପଡୁନଥିଲା ? ମଦ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ନା ଘଟଣାଟି କେବଳ ଧରାପଡ଼ିବାରେ ସୀମିତ ରହିଯିବ—ତାହା ଉପରେ ଏବେ ସମସ୍ତଙ୍କ ନଜର । ଅନ୍ୟପଟେ, ଘଟଣାକୁ ନେଇ ପୋଲିସ ଓ ଅବକାରୀ ବିଭାଗର ଆଗାମୀ ପଦକ୍ଷେପ କ'ଣ ରହୁଛି, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

# ବେଆଇନ ମଇଁଷି ଚାଲାଣ ବେଳେ ଚଢ଼ଉ :

## କଣ୍ଟେନରରୁ ୩୭ ମଇଁଷି ଉଦ୍ଧାର ; ଡ୍ରାଇଭର-ହେଲପର ଅଟକ



ଛତ୍ରପୁର,୧୬/୯(ନି/ପ୍ର): ଗଞ୍ଜାମଜିଲ୍ଲା ଚମାଖଣ୍ଡି ଥାନା ଅଚଂଳ ଦେଇ ବେଆଇନ ଭାବେ ମଇଁଷି ଚାଲାଣ ହେଉଥିବା ବେଳେ ଚମାଖଣ୍ଡି ପୁଲିସ ଏକ କଣ୍ଟେନରକୁ ପିଛା କରି କାବୁ କରିଛି । କଣ୍ଟେନରରୁ ୩୭ଟି ମଇଁଷି ଉଦ୍ଧାର କରାଯିବା ସହ ଘଟଣାରେ ଡ୍ରାଇଭର ଓ ହେଲପରଙ୍କୁ ପୁଲିସ ଅଟକ ରଖିଛି । ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୯ଟା ସମୟରେ ଚମାଖଣ୍ଡି ପୁଲିସ ଓ ଏନ୍‌ଏଚ୍ ପାଟ୍ରୋଲିଂ ଟିମ୍ ଜାତୀୟ ରାଜପଥରେ ଯାଚଂ କରୁଥିବା ବେଳେ ଏକ ସନ୍ଦେହଜନକ କଣ୍ଟେନର ଦ୍ରୁତ ଗତିରେ ଯାଉଥିବା ଦେଖିଥିଲେ । ପୁଲିସ ଗାଡ଼ିକୁ ଅଟକାଇବା ପାଇଁ ଇସାରା ଦେଇଥିଲେ ମଧ୍ୟ ଡ୍ରାଇଭର ଗାଡ଼ିର ବେଗ ବଢ଼ାଇ ଫେରାର ହେବାକୁ ଉଦ୍ୟମ କରିଥିଲା । ପରେ ପୁଲିସ ଉକ୍ତ କଣ୍ଟେନରକୁ ପ୍ରାୟ ୨ରୁ ୩ କିଲୋମିଟର ପର୍ଯ୍ୟନ୍ତ ପିଛା କରି କାଳିଆବାଲି ଛକ ନିକଟ ଜାତୀୟ ରାଜପଥରେ କାବୁ କରିଥିଲା । କଣ୍ଟେନର ଯାଚଂ ବେଳେ ଭିତରୁ ୩୭ଟି ମଇଁଷି ଉଦ୍ଧାର ହୋଇଥିଲେ । ମଇଁଷିଗୁଡ଼ିକୁ ଗୋଡ଼ ଓ ମୁହଁ ବାନ୍ଧି ଅତ୍ୟନ୍ତ ଅମାନବୀୟ ଭାବେ ନିଆଯାଉଥିବା ପୁଲିସ ଜାଣିବାକୁ ପାଇଥିଲା । ପ୍ରାଥମିକ ତଦନ୍ତରୁ ଉକ୍ତ କଣ୍ଟେନରଟି ଢେଙ୍କାନାଳରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଜଣାପଡ଼ିଛି । ଉଦ୍ଧାର ମଇଁଷିଗୁଡ଼ିକୁ ନିକଟସ୍ଥ ଗୋଶାଳାକୁ ପଠାଯାଇଥିବା ବେଳେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ଏନେଇ ଚମାଖଣ୍ଡି ଥାନା ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ସୂଚନା ଦେଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

# କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ



ମୁନିଗୁଡ଼ା,୧୬/୯(ନି/ପ୍ର): ରାୟଗଡ଼ାଜିଲ୍ଲା ମୁନିଗୁଡା ଥାନା ଅନ୍ତର୍ଗତ ଟୁରିଗୁଡା ପଚାଂୟତର ଟିଣପଦର ଗ୍ରାମର ଜଣେ ଗାଇଚରାଳି ଗତକାଲି ସନ୍ଧ୍ୟାରେ ନିଜ ଗ୍ରାମକୁ ଗାଇ ଗୋଠ ନେଇ ଫେରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଜଣାପଡିଛି । ମୃତକ ହେଲେ ମାଧବ ପିଡିକାକା (୪୨) । ଆଜି ଉକ୍ତ ଗ୍ରାମର ଗ୍ରାମବାସୀମାନେ ମୁନିଗୁଡା ବିଦ୍ୟୁତ ଅଫିସ ନିକଟରେ ଶବ ରଖି ମୁନିଗୁଡା ଭଞ୍ଜନଗର ରାସ୍ତାକୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିବା ଜଣାପଡିଛି । ତେବେ ବିଦ୍ୟୁତ ବିଭାଗର ଯନ୍ତ୍ରୀ ଗ୍ରାମବାସୀମାନଙ୍କ ସହ ଆଲୋଚନା କରିବା ପରେ ଶବଦାହ ପାଇଁ ପନ୍ଦର ହଜାର ଟଙ୍କା ଦେଇଥିଲେ ଓ ଏସଂପର୍କରେ ଉପରିସ୍ଥ ଅଧିକାରୀଙ୍କ ସହ କଥା ହୋଇ କ୍ଷତିପୂରଣ ମିଳିବା ନେଇ ଚେଷ୍ଟା କରିବେ ବୋଲି ଆଶ୍ୱାସନା ଦେବା ପରେ ରାସ୍ତାରୋକ ହଟିଥିଲା । ତେବେ ଜଙ୍ଗଲ ଭିତରେ ଛିଣ୍ଡା ବିଦ୍ୟୁତ ତାର ପଡିଥିବା ନେଇ ଗ୍ରାମବାସୀମାନେ ବିଦ୍ୟୁତ ବିଭାଗ ନିକଟରେ ଅଭିଯୋଗ କରିଥିବା ଓ ତାହାର ପ୍ରତିକାର କରାଯାଉ ନାହିଁ ବୋଲି ଅଭିଯୋଗ କରିଥିଲେ ।

# ପୂଜା ମଣ୍ଡପ ବୁଲିଲେ ବିଜେପି ନେତା

ଭଦ୍ରକ, ୧୬/୯(ନି/ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକର ଗୋପିନାଥପୁର ଓ ଚାରିଗାଁ ପଚାଂୟତର ବିଭିନ୍ନ ଗଣେଶ ପୂଜା ମଣ୍ଡପ ବୁଲିଲେ ବିଜେପି ଭଣ୍ଡାରିପୋଖରୀ ବିଧାନସଭା ନେତା ଡ. ସୁଧାଂଶୁ ଶେଖର ନାୟକ । ଚାରିଗାଁ ପଚାଂୟତ ଇଟୁଆ ଗ୍ରାମର ଗଣେଶ ମଣ୍ଡପ ପୂଜା କମିଟି, ଗଣେଶ ଉତ୍ସବ ସମିତି, ଜେନାସାହି ମଙ୍ଗଳା କ୍ଲବ, ବେହେରା ପରିବାର ପକ୍ଷରୁ ଆୟୋଜିତ ଗଣେଶ ପୂଜା ମଣ୍ଡପ ବୁଲିବା ସହ ଠାକୁରଙ୍କ ଆଶିଷ ଲାଭ କରିଥିଲେ । ଚାରିଗାଁ ବିଜେପି ଶକ୍ତିକେନ୍ଦ୍ର ପ୍ରମୁଖ ମଦନମୋହନ କଟୁଆଳ, ସମିତିସଭ୍ୟ ଧରଣୀଧର କର, ଚାଚଡେଇ ସଂଗଠନର ସମ୍ପାଦକ ସୁଦର୍ଶନ ଯେନା, ଆଇନଜିବୀ ସୁରେନ୍ଦ୍ର କର, ନାଏବ ସରପଚଂ ଅକ୍ଷୟ ବେହେରା,ଅଜୟ ବେହେରା, ଭାଗବତ ଜେନା, ଶିବ ପ୍ରସାଦ ମାଝୀ, ସନାତନ ସେଠୀ, ସନ୍ତୋଷ ପଣ୍ଡା, ବିଶ୍ୱବାସୀ କୁଣ୍ଟୁ, ରମେଶ ମହାକୁଡଙ୍କ ସମେତ ପୂର୍ବତନ ମଣ୍ଡଳ ସଭାପତି ଗୋପାଳକୃଷ୍ଣ ଦାଶ, ଶିବାନନ୍ଦ ଦାସଅଧିକାରୀ, ପୂର୍ବତନ ସମିତିସଭ୍ୟ ବସନ୍ତ ନାୟକ ଧିବର ସାମଲ, ମହାନ୍ତିପଡା ଶକ୍ତିକେନ୍ଦ୍ର ପ୍ରମୁଖ ଚିନ୍ତାମଣି ମହାରଣା, ଅଣିଜୋ ଶକ୍ତି କେନ୍ଦ୍ର ପ୍ରମୁଖ ପ୍ରତାପ ପଣ୍ଡା, ରମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କିଛି ଦିନ ପରେ ଅର୍ଦ୍ଧବାର୍ଷିକ ପରୀକ୍ଷା, ମିଳିଲା ନାହିଁ ଛାତ୍ର ଛାତ୍ରୀଙ୍କୁ ସଂଶୋଧିତ ପାଠ୍ୟପୁସ୍ତକ

ଜୟପୁର,୧୬/୯(ନି/ପ୍ର):କୋରାପୁଟ ଜିଲାରେ ଆଉ କିଛି ଦିନ ପରେ ଆରମ୍ଭ ହେବ ଅର୍ଦ୍ଧବାର୍ଷିକ ପରୀକ୍ଷା । କୋରାପୁଟ ଜିଲା ଏକ ଆଦୀବାସୀ ଅଧୁଷିତ ଅଂଚଳ ହୋଇଥିବାରୁ ଏଠାକାର ଛାତ୍ର ଛାତ୍ରୀଙ୍କ ପାଖରେ ଭୁଲ ପାଠ୍ୟପୁସ୍ତକରେ କିପରି ପାଠ ପଢି ପରୀକ୍ଷା ଦେବେ ତାହା ଏବେ ଆଶ୍ଚର୍ଯ୍ୟ କରିଛି । ପୁଣି ଦଶହରା ପୂଜା ଛୁଟି ମଧ୍ୟ ହେବା । ହେଲେ ଏଯାବତ୍ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମିଳିଲାନି ସଂଶୋଧିତ ପାଠ୍ୟପୁସ୍ତକ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରତିଶ୍ରୁତି ଦେଇଥିଲେ ତାହା ପୁରଣ କରିପାରିଲେ ନାହିଁ । ସରକାର ତଦନ୍ତ କଲେ ନିଲମ୍ବନ କଲେ ସବୁ କାର୍ଯ୍ୟ ।ନୁଷ୍ଠାନ ନେଲେ ଠିକ କଥା କିନ୍ତୁ ଛାତ୍ର ଛାତ୍ରୀ ମାନେ ସଂଶୋଧିତ ପୁସ୍ତକ ପାଇଲେ ନାହିଁ । କେତେ ବାଟ ସଂଶୋଧନ ପ୍ରକ୍ରିୟା ଆଗେଇଲା । ପାଠ୍ୟପୁସ୍ତକ କେବେ ମିଳିବ । ଏସବୁର ଉତର କାହାରି ପାଖରେ ନାହିଁ । ସଂଶୋଧିତ ବହି ତ ଅଲଗା କଥା, ଏମିତିକି ଅନେକ ପିଲାଙ୍କ ପାଖରେ ସଂପୂର୍ଣ୍ଣ ବହି ପହଂଚିନଥିବାର ଅଭିଯୋଗ ମଧ୍ୟ ଆସିଛି । ଏପଟେ ଅଭିଭାବକ କହିଲେଣି ଯେ, ପିଲାଙ୍କ ଭବିଷ୍ୟତ ସହ ଖେଳୁଛି ବିଭାଗ । ଶିକ୍ଷକମାନେ ମଧ୍ୟ ଚିନ୍ତାରେ ସଂଶୋଧିତ ବହି କେବେ ମିଳିବ । ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷରୁ ପ୍ରାଥମିକ ଶିକ୍ଷା ଅର୍ଥାତ୍ ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହି ପରିବର୍ତନ କରାଯାଇଛି । ଜାତୀୟ ଶିକ୍ଷା ନୀତି ୨୦୨୦ ଏବଂ ଓଡ଼ିଶା କରିକୁଲମ ଫ୍ରେମ୍ୱାର୍କ ସ୍କୁଲ ଶିକ୍ଷା ୨୦୨୫ ଆଧାରରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଗଲା । ପ୍ରଥମତଃ ଶିକ୍ଷାବର୍ଷ ଆରମ୍ଭରୁ ବହି ବଂଟନ ହେବା କଥା ତାହା ହୋଇପାରିଲା ନାହିଁ । ଖରା ଛୁଟି ସରିଗଲା ପଛେ ପିଲାଙ୍କ ପାଖେ ବହି ପହଂଚି ପାରିଲା ନାହିଁ । ପ୍ରଥମ ଥର ନୂତନ ପାଠ୍ୟପୁସ୍ତକ ମୁଦ୍ରଣ ହୋଇଥିବାରୁ ସାମାନ୍ୟ ବିଳମ୍ବ ହେଉଛି ବୋଲି ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି । ଯେତିକି ବହି ବଂଟନ କରାଗଲା ସେହି ନୂଆ ପାଠ୍ୟପୁସ୍ତକରେ ମାଳ ମାଳ ତ୍ରୁଟିକୁ ଧରିଲେ ଶିକ୍ଷକ, ଅଭିଭାବକ, ଛାତ୍ରଛାତ୍ରୀ । ଏହାକୁ ଖୋଦ୍ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ତଥା ଏସ୍‌ସିଇଆରଟି ମଧ୍ୟ ସ୍ୱୀକାର କଲା । ନିଜେ ୧୬୭୮ଟି ଭୁଲ୍ ଥିବା ଏକ ତାଲିକା ମଧ୍ୟ ଜାରି କରି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓସେପାକୁ ପ୍ରଦାନ କରି ଭୁଲ୍ ସଂଶୋଧିତ କରି ପଢ଼ାଇବାକୁ କୁହାଯାଇଥିଲା । ଏହାପରେ ଖୋଳୁ ଖୋଳୁ ସାଂଘାତିକ ଭୁଲ୍ ଦେଖିବାକୁ ମିଳିଥଲା । ଏହି ତ୍ରୁଟିକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଗୁରୁତର ସହ ନେଇ ତଦନ୍ତ କମିଟି ଗଠନ କରି ଏହାର ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ । ତଦନ୍ତ କମିଟିର ରିପୋର୍ଟ ଆଧାରରେ ପୂର୍ବତନ ନିର୍ଦ୍ଦେଶକଙ୍କ ସମେତ ୩ ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରାଗଲା । ଏଥିସହ ଆଉ ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଗଲା । ଏପରିକି ସରକାର କ୍ରାଇମ ବ୍ରାଂଚକୁ ତଦନ୍ତ ଭାର ଦେଲେ, କ୍ରାଇମ ବ୍ରାଂଚ ଖୋଳତାଡ କରିବା ସହ ପୂର୍ବ ନିର୍ଦ୍ଦେଶକଙ୍କୁ ଗିରଫ ମଧ୍ୟ କଲା । ମୁଖ୍ୟମନ୍ତ୍ରୀ, ପିଲାଙ୍କ ଶିକ୍ଷା ଓ ତ୍ରୁଟି ସୁଧାରିବା ପାଇଁ କମିଟିର ୧୪ଟି ସୁପାରିଶ କାର୍ଯ୍ୟକାରୀ କରାଯିବ ବୋଲି ନିର୍ଦ୍ଦେଶ ଦେଲେ । ଏହି ଅନୁଯାୟୀ, ୭ ଦିନ ମଧ୍ୟରେ ମୁଖ୍ୟ ତ୍ରୁଟି ସଂଶୋଧିତ ପୁସ୍ତିକା ପ୍ରକାଶ କରାଯିବ । ପାଠ୍ୟପୁସ୍ତକରେ ଥିବା ସାଘାଂତିକ ଭୁଲ୍ ଥିବା ପୃଷ୍ଠାକୁ ବଦଳାଇ ସେଠାରେ ନୂଆ ପୃଷ୍ଠା ପ୍ରିଂଟ କରି ଯୋଗାଇ ଦିଆଯିବ । ସମସ୍ତ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ପୃଷ୍ଠା ଯୋଗାଇ ଦିଆଯିବ । ସଂଶୋଧିତ ପିଡିଏଫ୍ କୁ ଅଫିସିଆଲ୍ ଶିକ୍ଷଣ ସଂସ୍କରଣ ଭାବେ ଘୋଷଣା କରାଯିବ । ଏକ ସାର୍ବଜନୀନ ତ୍ରୁଟି ସଂଶୋଧନ ପୋର୍ଟାଲ ଖୋଲାଯିବ । ଏଥିସହ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏସ୍‌ସିଇଆରଟିରେ ଟେଷ୍ଟବୁକ୍ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ପ୍ରତିଷ୍ଠା କରାଯିବ । ଏହାକୁ ମଧ୍ୟ ବିଭାଗ ସ୍ୱୀକାର କରି ସାମ୍ବାଦିକ ସମ୍ମିଳନୀରେ ପିଲାଙ୍କୁ ଖୁବ୍‌ଶୀଘ୍ର ସଂଶୋଧିତ ପୁସ୍ତକ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଲା । ହେଲେ ଏଯାବତ୍ ଏସବୁର କିଛି ଦେଖା ଦର୍ଶନ ନାହିଁ ।

# ବିବିଧା



# ମହିଳାଙ୍କ ହାତ ଗଣ୍ଠିରୁ ବାହାରିଲା ୧୦ ସେ.ମି.ର ପୋକ

ଏକ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି ଯେଉଁଠାରେ ଜଣେ ମହିଳାଙ୍କ ହାତରୁ ଜୀଅନ୍ତା ପୋକ ବାହାର କରାଯାଇଛି। ଏହା ଚାଇନାରେ ଦେଖିବାକୁ ମିଳିଛି। ମହିଳାଙ୍କ ହାତରେ ଏକ ଗଣ୍ଠି ଥିଲା ଯାହାକି ବଢୁଥିଲା। ସେ ବ୍ୟସ୍ତ ହୋଇ ହସ୍ପିଟାଲ ଦେଖାଇବାକୁ ଆସିଥିଲେ। ଡାକ୍ତର ତାଙ୍କୁ ଅସ୍ତ୍ରୋପଚାର ତୁରନ୍ତ କରିବାକୁ କହିଥିଲେ। ଅସ୍ତ୍ରୋପଚାର ପରେ ତାଙ୍କ ହାତରୁ ଦୁଇଟି ଜୀଅନ୍ତା କୃମି ଭଳି ପୋକକୁ ବାହାର କରାଯାଇଥିଲା। ମହିଳାଙ୍କ ନାମ (ଛବି) ୱାଙ୍ଗ। ଏକ ବର୍ଷ ପୂର୍ବେ ତାଙ୍କ ହାତରେ ଏକ ଗଣ୍ଠି ଦେଖାଯାଇଥିଲା ଯାହା ଧୀରେ ଧୀରେ ବଢ଼ିଥିଲା। ଏହି ଗଣ୍ଠିଟି ଏକ ଅଣ୍ଡା ଆକାରର ହୋଇଗଲା। ମହିଳା ଜଣକ କହିଥିଲେ ଯେ ସେ ତାଙ୍କ ହାତର ଏହି ଫୁଲାର ଚିକିତ୍ସା ପାଇଁ ସେନଜେନ୍ ପିପୁଲ୍ସ ହସ୍ପିଟାଲକୁ ଆସିଥିଲେ ଯେଉଁଠାରେ ତାଙ୍କର ଚିକିତ୍ସା କରାଯାଇଥିଲା। କିନ୍ତୁ, ଯେତେବେଳେ ଡାକ୍ତରମାନେ ତାଙ୍କୁ ପରୀକ୍ଷା କଲେ, ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ସ୍ପାର୍ଗାନମ୍ ନାମକ ଏକ ପରଜୀବୀ, ଯାହାର ଲମ୍ବ ୧୦ ସେଣ୍ଟିମିଟର, ମହିଳାଙ୍କ ହାତରେ ମିଳିଥିଲା। ଏହା ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଥିବା ଲୋକଙ୍କଠାରେ ଦେଖାଯାଏ। ୱାଙ୍ଗ ବ୍ୟାଖ୍ୟା କରିଥିଲେ ଯେ ସେ ପ୍ରାୟତଃ ଘରେ ବେଙ୍ଗ ରାନ୍ଧୁଥିଲେ, ଏବଂ ଥଣ୍ଡା ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଯେଉଁ ଚପିଂ ବୋର୍ଡ ବ୍ୟବହାର କରୁଥିଲେ, ସେହି ବୋର୍ଡରେ ସେମାନଙ୍କୁ ମାରି ଦେଉଥିଲେ। ହସ୍ପିଟାଲର ଡାକ୍ତରମାନେ କହିଛନ୍ତି ଯେ ୱାଙ୍ଗଙ୍କ ରୋଷେଇ ଘରର ଛୁରୀ ଏବଂ ଚପିଂ ବୋର୍ଡ ସ୍ପାର୍ଗାନମ୍ ସିଷ୍ଟ ଦ୍ୱାରା ଦୂଷିତ ଥିଲା। ସେ ଚପିଂ ବୋର୍ଡରେ ଥଣ୍ଡା ଖାଦ୍ୟ ପ୍ରସ୍ତୁତ କରିଥିଲେ, ଏବଂ ସିଷ୍ଟଗୁଡ଼ିକ ବୋର୍ଡରୁ ତାଙ୍କ ଖାଦ୍ୟକୁ ସ୍ଥାନାନ୍ତରିତ ହୋଇଥାଇପାରେ ଏବଂ ତା'ପରେ ତାଙ୍କ ଶରୀରରେ ବ୍ୟାପିଥାଇପାରେ।

ରିପୋର୍ଟ ଅନୁଯାୟୀ, ହସ୍ପିଟାଲର ଜଣେ ଡାକ୍ତର ବ୍ୟାଖ୍ୟା କରିଛନ୍ତି ଯେ ସ୍ପାର୍ଗାନମ୍ ଏକ ପରଜୀବୀ ଯାହା ବୟସ୍କଙ୍କ ଶରୀରରେ ବହୁଳ ହୁଏ ନାହିଁ, ବରଂ ବିଭିନ୍ନ ଟିସୁ ମାଧ୍ୟମରେ ଗତି କରେ। ଏହି କୃମି ଆଖି, ମାଂସପେଶୀ, ଛାତି, ମସ୍ତିଷ୍କ ଏବଂ ଭିସେରାରେ ରହି ଗଣ୍ଠି ସୃଷ୍ଟି କରିପାରେ।

ଡାକ୍ତରମାନେ ଏହିପରି ପରଜୀବୀ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରୋଷେଇ ଘରେ ଅସାବଧାନତାପୂର୍ଣ୍ଣ ରୋଷେଇ କରିବାରୁ ବଞ୍ଚିବାକୁ ପରାମର୍ଶ ଦିଅନ୍ତି। ୱାଙ୍ଗଙ୍କ କ୍ଷେତ୍ରରେ, ସେ କଞ୍ଚା ଏବଂ ଅପରିଷ୍କାର ଖାଦ୍ୟ ଖାଇଥିଲେ, ଯାହା ଫଳରେ ପରଜୀବୀ ତାଙ୍କ ଶରୀରରେ ପ୍ରବେଶ କରିଥିଲା।

# କେଉଁଥିରେ ଅଛି ଅଧିକ ପ୍ରୋଟିନ ?

## ଅଣ୍ଡା ନା ସୋୟାବିନ୍



**ଯେତେବେଳେ ପ୍ରୋଟିନ୍ କଥା ଆସେ, ଲୋକମାନେ ପ୍ରାୟତଃ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି ବେଷ୍ଟ ଅପସନ୍ କଣ ? ପଶ୍ଚିମବଙ୍ଗର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଅଣ୍ଡା ବଦଳରେ ସୋୟା ଚଙ୍କ୍ସ ବା ମିଲମେକର ଅନ୍ତର୍ଭୁକ୍ତ କରିବାର ନିଷ୍ପତ୍ତି ଏକ ନୂଆ ବିତର୍କ ସୃଷ୍ଟି କରିଛି। ଏହି ବିବାଦ କେବଳ ଖାଦ୍ୟ ପସନ୍ଦ ବା ଡାଏଟ୍ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ପୁଷ୍ଟିକର ଗୁଣବତ୍ତା ଏବଂ ନିରାମିଷ ବନାମ ଆମିଷ ମଧ୍ୟ ଭାଗ ହୋଇଯାଇଛି। ଅଣ୍ଡାକୁ ପ୍ରୋଟିନର ସର୍ବୋତ୍ତମ ଉତ୍ସ ଭାବରେ ବିବେଚନା କରାଯାଏ। ସୋୟା ଚଙ୍କ୍ସକୁ ନିରାମିଷ ପାଇଁ ଏକ ସୁଲଭ ଏବଂ ଶକ୍ତିଶାଳୀ ବିକଳ୍ପ ଭାବରେ ଦେଖାଯାଏ। ତେଣୁ, କ'ଣ ସୋୟା ଚଙ୍କ୍ସ ପ୍ରକୃତରେ ଅଣ୍ଡାର ଅନୁପସ୍ଥିତିକୁ ପୂରଣ କରିପାରିବ ?**

ଉଭୟକୁ ପ୍ରୋଟିନ୍‌ର ପାୱାରହାଉସ୍ ଭାବରେ ବିବେଚନା କରାଯାଏ। ହେଲେ ଏହି ବିତର୍କ ଦୀର୍ଘ ସମୟ ଧରି ଚାଲିଛି। ଅଣ୍ଡାକୁ ପ୍ରୋଟିନର ସର୍ବୋତ୍ତମ ଉତ୍ସ ଭାବରେ ପ୍ରଶଂସା କରାଯାଇଥିଲେ ମଧ୍ୟ, ସୋୟା ଚଙ୍କ୍ସ ନିରାମିଷ ପାଇଁ ସବୁଠାରୁ ଆର୍ଥିକ ଏବଂ ଉତ୍କୃଷ୍ଟ ପ୍ରୋଟିନ୍ ବିକଳ୍ପ ଭାବରେ କାର୍ଯ୍ୟ କରେ। ଅନେକ ଲୋକ ଓଜନ ହ୍ରାସ କିମ୍ବା ମାଂସପେଶୀ ନିର୍ମାଣ ପାଇଁ ସେମାନଙ୍କ ଖାଦ୍ୟରେ ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଆପଣଙ୍କ ନିର୍ଦ୍ଦିଷ୍ଟ ଫିଟନେସ୍ ଲକ୍ଷ୍ୟ ପାଇଁ କେଉଁଟି ଅଧିକ ଲାଭଦାୟକ? ଆସନ୍ତୁ ଦେଖିବା ବିଶେଷଜ୍ଞମାନେ କ'ଣ କୁହନ୍ତି।

### ଅଣ୍ଡା ବନାମ ସୋୟା ଚଙ୍କ୍ସ

ପ୍ରୋଟିନ୍ ଗୁଣବତ୍ତା ଏବଂ ଶୋଷଣ ଦୃଷ୍ଟିରୁ, ଅଣ୍ଡାକୁ ସ୍ଥିର ଭାବରେ ନମ୍ବର ଏକ ସ୍ଥାନରେ ରଖାଯାଇଛି। ମାଂସପେଶୀ ଦୃଢ଼ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ସମସ୍ତ ନଅଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ରେ ଅଣ୍ଡା ପରିପୂର୍ଣ୍ଣ। ଗୋଟିଏ ଅଣ୍ଡାରେ ପ୍ରାୟ ୬-୭ ଗ୍ରାମ ପ୍ରୋଟିନ୍ ଥାଏ। ଏହାର ଜୈବ ଉପଲବ୍ଧତା ବହୁତ ଅଧିକ, ଅର୍ଥାତ୍ ଶରୀର ଏହାକୁ ବହୁତ ସହଜରେ ବ୍ୟବହାର କରିପାରିବ।

ଅନ୍ୟପକ୍ଷରେ, ସୋୟା ଖଣ୍ଡଗୁଡ଼ିକ ଉଦ୍ଭିଦ-ଆଧାରିତ ପ୍ରୋଟିନର ଏକ ଉତ୍କୃଷ୍ଟ ଉତ୍ସ। ଏଥିରେ ସମସ୍ତ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ମଧ୍ୟ ଥାଏ। ହେଲେ ସେମାନଙ୍କର ଗୁଣବତ୍ତା ଏବଂ ଶୋଷଣ ହାର ଅଣ୍ଡା ତୁଳନାରେ ସାମାନ୍ୟ କମ୍ ହୋଇପାରେ। ତଥାପି, ଯେତେବେଳେ ଫାଇବର ପରିମାଣ କଥା ଆସେ, ସୋୟାଗୁଡ଼ିକ ନେତୃତ୍ୱ ନିଅନ୍ତି। ୫୦ ଗ୍ରାମ ସୋୟା ଖଣ୍ଡଗୁଡ଼ିକର ପରିବେଷଣରେ ପ୍ରାୟ ୨୫ ଗ୍ରାମ ପ୍ରୋଟିନ୍ ଥାଏ।

### ଆପଣଙ୍କ ପାଇଁ କେଉଁଟି ସର୍ବୋତ୍ତମ ?

ଯଦି ଆପଣ ମାଂସପେଶୀ ଗଠନ ଉପରେ ଧ୍ୟାନ ଦେଉଛନ୍ତି। ତେବେ ଅଣ୍ଡା ହେଉଛି ପ୍ରୋଟିନର ଏକ ସମ୍ପୂର୍ଣ୍ଣ ଏବଂ ଉତ୍କୃଷ୍ଟ ଉତ୍ସ। ଯାହା ସେମାନଙ୍କର ଉଚ୍ଚ ପାଚନ କ୍ଷମତା ପାଇଁ ଜଣାଶୁଣା। ତଥାପି, ଯଦି ଆପଣ ଜଣେ କଠୋର ନିରାମିଷୀ କିମ୍ବା ଏକ ବଜେଟ୍-ଅନୁକୂଳ ବିକଳ୍ପ ଖୋଜୁଛନ୍ତି, ତେବେ ସୋୟା ଚଙ୍କଗୁଡ଼ିକ ଏକ ଉତ୍କୃଷ୍ଟ ବିକଳ୍ପ ଭାବରେ କାର୍ଯ୍ୟ କରେ।



# ମୋ ବାପା ବଲିଉଡ କ୍ୟାରିୟରକୁ ବିରୋଧ କରିଥିଲେ: ରିଦ୍ଧିମା

ଚର୍ଚ୍ଚାରେ ରହିଛି କପୁର ଫ୍ୟାମିଲି। ନିଜ ଜୀବନର ଏବଂ ନିଜ ବାପାଙ୍କ ବିଷୟରେ ଏମିତି କହିଲେ ଝିଅ ରିଦ୍ଧିମା କପୁର। ରିଦ୍ଧିମା କପୁର ଏବେ ମୁକ୍ତିଲାଭ କରିଥିବା ଫିଲ୍ମ 'ଦାଦି କି ଶାଦୀ' ମାଧ୍ୟମରେ ବଲିଉଡରେ ଡେବ୍ୟୁ କରିଛନ୍ତି, ଯେଉଁଥିରେ ତାଙ୍କ ମାଆ ନୀତୁ କପୁର ମଧ୍ୟ ଅଭିନୟ କରିଛନ୍ତି। ଏକ ସାମ୍ପ୍ରତିକ ସାକ୍ଷାତକାରରେ, ରିଦ୍ଧିମା କପୁରଙ୍କୁ ପଚରାଯାଇଥିଲା ଯେ ତାଙ୍କ ଦିବଂଗତ ପିତା ଋଷି କପୁର ତାଙ୍କ ଅଭିନୟ ଡେବ୍ୟୁକୁ କିପରି ପ୍ରତିକ୍ରିୟା ଦେଇଥାନ୍ତେ କିମ୍ବା ତାଙ୍କର ଫିଲ୍ମରେ ଯୋଗଦାନକୁ ସମର୍ଥନ କରିବାର କୌଣସି ସମ୍ଭାବନା ଅଛି କି ନାହିଁ।'' ସେ ଏହି କାହାଣୀକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ, ତାଙ୍କ ପିତା ସର୍ବଦା ତାଙ୍କୁ ସମର୍ଥନ କରିଥିଲେ ଏବଂ ତାଙ୍କ କ୍ୟାରିୟରରେ ତାଙ୍କୁ ସମର୍ଥନ ଏବଂ ମାର୍ଗଦର୍ଶନ କରିଥିଲେ। ରିଦ୍ଧିମା ଇଘଓକୁ କହିଛନ୍ତି, 'ମୋ ବାପା ବହୁତ ସୁରକ୍ଷାକାରୀ ଥିଲେ। ଅନେକ ଲୋକ କୁହନ୍ତି, 'ନାହିଁ, ଫିଲ୍ମ ମେଁ ଆନେ ନହିଁ ଦେତେ, କାମ ନହିଁ କରନେ ଦେତେ।' ଐସି ବାତ ନହିଁ ହେ। (ବହୁତ ଲୋକ କୁହନ୍ତି, 'ଓଃ, ସେ ଆମକୁ ଫିଲ୍ମରେ ଯୋଗଦାନ କରିବାକୁ କିମ୍ବା କାମ କରିବାକୁ ଦେଉନଥିଲେ' କିନ୍ତୁ ଏପରି ହୋଇନଥିଲା)। ସେ ଆହୁରି କହିଲେ, 'ଯେତେବେଳେ ମୁଁ ଅଧିକ ପାଠପଢ଼ା ପାଇଁ ବିଦେଶ ଯିବାକୁ ଚାହୁଁଥିଲି... ମୁଁ ମୋ ବାପାଙ୍କୁ କହିଥିଲି ଯେ ମୁଁ ଆହୁରି ପାଠପଢ଼ି ୟୁକେରେ କରିବାକୁ ଚାହୁଁଛି।

ତାଙ୍କ ଝିଅ ଏକା ୟୁକେ ଯିବା, ଏକା ରହିବା ଏବଂ ଏହା କିପରି ସଫଳ ହେବ ସେ ବିଷୟରେ ସେ ବହୁତ ଚାପଗ୍ରସ୍ତ ଥିଲେ। ସେ ଅଧ ଘଣ୍ଟା ଧରି ଆଗକୁ ଏବଂ ତଳକୁ ଗତି କରୁଥିଲେ, କେବଳ ଚିନ୍ତା କରୁଥିଲେ ଏବଂ ଚିନ୍ତା କରୁଥିଲେ। ଯେତେବେଳେ କିଛି ଭିନ୍ନ କିମ୍ବା ନୂତନ କଥା ଆସୁଥିଲା, ଯେପରିକି ପିଲାମାନେ ଚାଲିଯାଉଥିଲେ, ସେ ବହୁତ ଚାପଗ୍ରସ୍ତ ହେଉଥିଲେ। ସେତେବେଳେ ମୁଁ ହୁଏତ ୧୬-୧୭ ବର୍ଷ ବୟସର ଥିଲି, କିନ୍ତୁ ସେ ମୋତେ ଛାଡି ଦେଇଥିଲେ।। 'ସେ କହିଥିଲେ, ତୁମେ ଯାହା କରିବାକୁ ଚାହୁଁଛ କର, ଏବଂ ମୁଁ ଜାଣେ ତୁମେ ଯାହା କର ସେଥିରେ ତୁମର ୧୦୦% ଦେବ।' ସେ ଏ ବିଷୟରେ ବହୁତ ଆତ୍ମବିଶ୍ୱାସୀ ଥିଲେ। ସେତେବେଳେ ଏବଂ ଏବେ ମଧ୍ୟ, ଯଦି ମୁଁ ବାପାଙ୍କୁ କହିଥାନ୍ତି, ମୁଁ ଏହି ଫିଲ୍ମ କରିବାକୁ ଚାହୁଁଛି, ମୁଁ ତୁମକୁ ଗର୍ବିତ କରିବି, ତୁମେ ମୋତେ ମାର୍ଗଦର୍ଶନ କରିବ, ଏବଂ ମୁଁ ଏହା ମା'ଙ୍କ ସହିତ କରିବି,' ସେ ମୋତେ କେବେ ଅଟକାଇ ନଥାନ୍ତେ। ସେ ସେଠାରେ ଉପସ୍ଥିତ ରହି ମୋତେ ମାର୍ଗଦର୍ଶନ କରିଥାନ୍ତେ [illegible] ଥିଲେ।ଦାଦି କି ଶାଦି ଏକ ପାରି [illegible] ର. ମୋହନଙ୍କ ଦ୍ୱାରା ଲି [illegible] ଗତ ମାସରେ



# ଇରାନ୍ ଅଭିନେତ୍ରୀ ଏଲ୍‌ନାଜଙ୍କ କଣ୍ଠରେ ହିନ୍ଦୀ ଗୀତ

ଇରାନ ମୂଳର ଅଭିନେତ୍ରୀ ଏଲ୍‌ନାଜ ନୋରୌଜୀ ତାଙ୍କ କ୍ୟାରିୟରରେ ଏକ ନୂଆ ପରିଚୟ ଯୋଡ଼ିଛନ୍ତି। ସେ ଗାଇଥିବା ପ୍ରଥମ ହିନ୍ଦୀ ଗୀତ 'ହୁଆ'ର ମୁକ୍ତିଲାଭ ସହିତ ସେ ବଲିଉଡ୍ ଗାୟିକା ପାଲଟିଛନ୍ତି। ଏଲ୍‌ନାଜ ଏହି ଗୀତଟିକୁ ଜୁବିନ ନୌଟିୟାଲ୍‌ଙ୍କ ସହିତ ମିଶି ଗାଇଛନ୍ତି। ଦୁଇବର୍ଷ ତଳେ ଏହି ଗୀତଟି ରେକର୍ଡ ହୋଇଥିବା ବେଳେ ନିକଟରେ ଏହା ମୁକ୍ତିଲାଭ କରିଛି। ଏ ଅବସରରେ ଏଲ୍‌ନାଜ କହିଛନ୍ତି ଯେ ସଂଗୀତ ସର୍ବଦା ତାଙ୍କ ହୃଦୟର ନିକଟତର ହୋଇ ରହିଆସିଛି; ଜୁବିନଙ୍କ ସହିତ ପ୍ରଥମ ହିନ୍ଦୀ ଗୀତ ଗାଇବା ତାଙ୍କ ପାଇଁ ଏକ ସୌଭାଗ୍ୟ। 'ହୁଆ' ଗୀତଟିକୁ ସେ ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ବିଚାର କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ଏହି ଗୀତଟିକୁ ତାଙ୍କ ପ୍ରଶଂସକଙ୍କୁ ଉତ୍ସର୍ଗ କରି ଆଶାବ୍ୟକ୍ତ କରିଛନ୍ତି ଯେ ଏହା ନିଶ୍ଚୟ ଶ୍ରୋତାଙ୍କ ହୃଦୟକୁ ଛୁଇଁବ। ଏଲ୍‌ନାଜଙ୍କ ପରିଶ୍ରମ ତଥା ଶ୍ରୁତିମଧୁର କଣ୍ଠକୁ ପ୍ରଶଂସା କରି ଜୁବିନ ତାଙ୍କର ଉତ୍ସାହକୁ ବହୁଗୁଣିତ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏଲ୍‌ନାଜ ଜନ୍ମ ପରେ ଜର୍ମାନୀ ଚାଲିଯାଇଥିଲେ ଏବଂ ସେଠାକାର ନାଗରିକତା ଗ୍ରହଣ କରିନେଇଥିଲେ। ପାଠପଢ଼ା ସାରି ସେ ଭାରତ ଚାଲିଆସିଥିଲେ। ୨୦୧୮ରେ 'ସାକ୍ରେଡ୍ ଗେମ୍‌ସ' ୱେବ୍ ଧାରାବାହିକରେ ତାଙ୍କୁ ଅଭିନୟର ପ୍ରଥମ ସୁଯୋଗ ମିଳିଥିଲା। ସେବେଠାରୁ ସେ ପାଖାପାଖି ଦଶଟି ଚଳଚ୍ଚିତ୍ରରେ ଅଭିନୟ କରିସାରିଲେଣି।



# ବୈଦ୍ୟୁତିକ କେଟିଲ ବ୍ୟବହାର କରୁଥିଲେ ଜାଣିନିଅନ୍ତୁ...

**ବୈଦ୍ୟୁତିକ କେଟିଲ ଅତ୍ୟନ୍ତ ଉପଯୋଗୀ ରୋଷେଇ ଉପକରଣ। ଏହା ସମୟ ଏବଂ ଶ୍ରମ ଉଭୟକୁ ସଞ୍ଚୟ କରେ। ସକାଳେ ପାଣି ଗରମ କରିବାଠାରୁ ଆରମ୍ଭ କରି ସୁପ୍, ଚା କିମ୍ବା କଫି ଶୀଘ୍ର ଫୁଟାଇବା ପାଇଁ ଆମେ ସାଧାରଣତଃ ଏହି କେଟିଲକୁ ବ୍ୟବହାର କରିଥାଉ। ଏହା ଗ୍ୟାସ ଚୁଲା ଅପେକ୍ଷା ଦ୍ରୁତ ଏବଂ ଅଧିକ ସୁବିଧା ଜନକ ଏବଂ ସୁରକ୍ଷିତ ବୋଲି ବିବେଚନା କରାଯାଏ। ତଥାପି ବ୍ୟବହାର କରିବା ସମୟରେ ଯଦି ଆମେ ଟିକିଏ ଅସାବଧାନତା ହେଉ , ତେବେ ବିଦ୍ୟୁତ୍ ଆଘାତ, ପୋଡ଼ିବା କିମ୍ବା ନିଆଁ ଲାଗିବା ଭଳି ଦୁର୍ଘଟଣା ଘଟିପାରେ। ତେଣୁ କେଟିଲକୁ ସଠିକ୍ ଭାବରେ କିପରି ଭାବେ ବ୍ୟବହାର କରିବେ ଜାଣନ୍ତୁ...**

ସାଧାରଣତଃ ୩ ପ୍ରକାରର ବୈଦ୍ୟୁତିକ କେଟିଲ ଆମ ଦୈନନ୍ଦିନ ବ୍ୟବହାର ପାଇଁ ଉପଯୋଗୀ।

- ପ୍ଲାଷ୍ଟିକ୍ ବୈଦ୍ୟୁତିକ କେଟିଲ୍: ହାଲୁକା, ସୁଲଭ, ଏବଂ ଦୈନନ୍ଦିନ ବ୍ୟବହାର ପାଇଁ ଉପଯୁକ୍ତ
- କାଚ ବୈଦ୍ୟୁତିକ କେଟିଲ୍: ବୋରୋସିଲିକେଟ୍ କାଚରେ ତିଆରି, ଅଧିକ ସତର୍କତାର ସହ ବ୍ୟବହାର କରିବା ଆବଶ୍ୟକ
- ଷ୍ଟେନଲେସ୍ ଷ୍ଟିଲ୍ ବୈଦ୍ୟୁତିକ କେଟିଲ୍: ଦୃଢ଼, ସ୍ଥାୟୀ ଏବଂ ଦୀର୍ଘସ୍ଥାୟୀ ବୋଲି ବିବେଚନା କରାଯାଏ

ସତର୍କତା: ଆପଣଙ୍କର ନିର୍ଦ୍ଦିଷ୍ଟ ମଡେଲର ବୈଶିଷ୍ଟ୍ୟ ଏବଂ ସୁରକ୍ଷା ନିର୍ଦ୍ଦେଶାବଳୀକୁ ଭଲ ଭାବରେ ପଢନ୍ତୁ , ସର୍ବଦା କେଟିଲକୁ ଏକ ସମତଳ, ଶୁଷ୍କ, ସ୍ଥିର ପୃଷ୍ଠରେ ରଖନ୍ତୁ, ପାୱାର କର୍ଡ ଏବଂ ପ୍ଲଗ୍ ଗରମ ପୃଷ୍ଠରୁ ଦୂରରେ ରଖନ୍ତୁ, ଏକ୍ସଟେନ୍ସନ୍ କର୍ଡ ବ୍ୟବହାର କରନ୍ତୁନାହିଁ , କେଟିଲକୁ ଅନପ୍ଲଗ୍ କରନ୍ତୁ ଏବଂ ସଫା କରିବା ପୂର୍ବରୁ ଏହାକୁ ଥଣ୍ଡା ହେବାକୁ ଦିଅନ୍ତୁ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ଗୁରୁବାର ୧୭ ସେପ୍ଟେମ୍ବର ୨୦୨୬**

## ଇଭିଏମର ଅପବ୍ୟବହାର !



ନିର୍ବାଚନରେ ଇଭିଏମ ବ୍ୟବହାର ଆରମ୍ଭ ହେବା ପରଠାରୁ ଅନେକ ଏହାର ଦୁରୂପଯୋଗ ହେଉଥିବା ଅଭିଯୋଗ କରି ଆସୁଛନ୍ତି ଯଦିଓ ଆଜି ପର୍ଯ୍ୟନ୍ତ ଏହା ପ୍ରମାଣିତ ହୋଇନାହିଁ। ଅନେକ ସମୟରେ ନିର୍ବାଚନରେ ପରାଜିତ ହେଉଥିବା ଦଳ ଏଥିପାଇଁ ଇଭିଏମକୁ ଦାୟୀ କରୁଛନ୍ତି। ନିର୍ବାଚନରେ ପରାଜିତ ହେଉଥିବା ଦଳ ଜନାଦେଶକୁ ଯନ୍ତ୍ରାଦେଶ ବୋଲି କହୁଛନ୍ତି। କିନ୍ତୁ ନିର୍ବାଚନ ଜିତିଲେ ସମସ୍ତେ ନିରବ ରହୁଛନ୍ତି। ୨୦୧୯ ଲୋକସଭା ନିର୍ବାଚନରେ ଦିଲ୍ଲୀର ସମସ୍ତ ୭ଟି ଆସନରେ ଆମ ଆଦମୀ ପାର୍ଟୀ ପରାଜିତ ହେବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏଥିପାଇଁ ଇଭିଏମକୁ ଦାୟୀ କଲେ। କିନ୍ତୁ ଯଦି ବିଜେପି ଇଭିଏମ ମାଧ୍ୟମରେ ଲୋକସଭା ନିର୍ବାଚନ ଜିତିଲା ତେବେ ପରବର୍ତ୍ତୀ ବିଧାନସଭା ନିର୍ବାଚନରେ କିପରି ହାରିଲା ? ନିକଟରେ ଅନୁଷ୍ଠିତ ତାମିଲନାଡୁ ଓ କେରଳ ବିଧାନସଭା ନିର୍ବାଚନରେ ଅଣ ବିଜେପି ଦଳ ଜିତିଲେ କେମିତି ? ପଶ୍ଚିମବଙ୍ଗରେ ଟିଏମସି ୮୦ଟି ଆସନରେ କିପରି ଜିତିଲା ? ଯଦି ଇଭିଏମର ଦୁରୂପଯୋଗ ହୋଇଥାଆନ୍ତା ତେବେ ବିଜେପି ଆହୁରି ଅଧିକ ସଫଳତା ପାଇପାଇଥାଆନ୍ତା। ତେଣୁ ଇଭିଏମର ଦୁରୂପଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଇଭିଏମ ପ୍ରଚଳନ ବିଜେପି ନୁହେଁ, କଂଗ୍ରେସ ଶାସନ ଅମଳରୁ ଆରମ୍ଭ ହୋଇଥିଲା। ଦ୍ୱିତୀୟରେ ଭାରତର ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ସ୍ୱୟଂଶାସିତ ସଂସ୍ଥା। ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏହା ପରିଚାଳିତ ନୁହେଁ। କମିଶନରେ ଏକାଧିକ ସଦସ୍ୟ ଅଛନ୍ତି। ନିର୍ବାଚନ ପରିଚାଳନାରେ ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ ନିୟୋଜିତ ହେଉଛନ୍ତି। ରାଜ୍ୟରେ ପ୍ରଶାସନ କେନ୍ଦ୍ର ନୁହେଁ, ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ୨୦୧୭ରେ ୟୁପି ବିଧାନସଭା ନିର୍ବାଚନରେ ବିଜେପି ବିପୁଳ ବିଜୟ ହାସଲ କରିବା ପରେ ସମାଜବାଦୀ ପାର୍ଟୀ ଓ ବିଏସପି ନିଜ ପରାଜୟ ନିମନ୍ତେ ଇଭିଏମକୁ ଦୋଷ ଦେଲେ। କିନ୍ତୁ ସେତେବେଳେ ରାଜ୍ୟରେ ସମାଜବାଦୀ ପାର୍ଟୀ କ୍ଷମତାରେ ଥିଲା ଏବଂ ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ପଦରେ ଥିଲେ। ତେଣୁ ସେଠାରେ ଇଭି,ମର ଦୁରୂପଯୋଗ କିପରି ସମ୍ଭବ ହେଲା ? ୨୦୦୯ରେ ରାଜ୍ୟରେ ବିଜେପି ଓଡ଼ିଶାରେ ପରାଜିତ ହେବା ପରେ ଏହାକୁ ଜନାଦେଶ ନୁହେଁ ଯନ୍ତ୍ରାଦେଶ ବୋଲି କହିଥିଲା। କିନ୍ତୁ ସେହି ବିଜେପି ଅନ୍ୟ ରାଜ୍ୟରେ ଇଭିଏମର ଦୁରୂପଯୋଗ ଅଭିଯୋଗକୁ ଖଣ୍ଡନ କରୁଛି। ନିର୍ବାଚନରେ ଇଭିଏମ ବ୍ୟବହାରର ଅନେକ ଭଲ ଦିଗ ରହିଛି। ଏହା ଦ୍ୱାରା ଭୋଟ ଗଣତି ଶୀଘ୍ର ହେଉଛି ଏବଂ ପଳାଫଳ ଜାଣିବାକୁ ଆଉ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁନି। ଆଉ ସବୁଠାରୁ ବଡ଼ କଥା ହେଲା ଇଭିଏମ ଦ୍ୱାରା ଭୋଟ ନାକଚ ହେଉନି। ଇଭିଏମର ଦୁରୂପଯୋଗ ଓ ଜାଲିଆତି ଅଭିଯୋଗ ଆସିବା ପରେ ଏବେ ନିର୍ବାଚନରେ ଭିଭିପାଟ ବ୍ୟବହାର ମଧ୍ୟ ହେଉଛି। ଜଣେ ଭୋଟର ଇଭିଏମରେ ଭୋଟ ଦେବା ପରେ ସେ କାହାକୁ ଭୋଟ ଦେଇଛି ତାହାର ପ୍ରମାଣ ସ୍ୱରୂପ ଏକ କାଗଜ ଭିଭିପାଟରୁ ବାହାରୁଛି। ଏହାକୁ ଏକ ନିର୍ଦ୍ଦିଷ୍ଟ ବାକ୍ସରେ ପକାଇବାକୁ ପଡୁଛି ଯାହା ସଠିକ ଭୋଟର ପ୍ରମାଣ ରୂପେ ମହଯୁଦ ରହୁଛି। ବିଗତ ଦିନରେ ଅନୁଷ୍ଠିତ ପଚାଂୟତ ନିର୍ବାଚନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବାଲଟ ପେପର ବ୍ୟବହାର ହେତୁ ଅନେକ ସ୍ଥାନରେ ବହୁ ଭୋଟ ନାକଚ ହୋଇଛି। ଏପରିକି କେତେକ ସ୍ଥାନରେ ବିଜୟୀ ପ୍ରାର୍ଥୀ ଏତେ କମ ଭୋଟ ବ୍ୟବଧାନରେ ଜିତିଛନ୍ତି ଯାହା ନାକଚ ଭୋଟ ସଂଖ୍ୟାଠାରୁ କମ। ହୁଏତ ଏସବୁ ଭୋଟ ନାକଚ ହୋଇନଥିଲେ ଫଳାପଳ ଭିନ୍ନ ହୋଇଥାନ୍ତା। ତା ଛଡ଼ା ପଚାଂୟତ ନିର୍ବାଚନ ଭୋଟ ଗଣତି ତିନିଦିନ ଚାଲିଲା। ଲୋକେଙ୍କୁ ଫଳାଫଳ ଜାଣିବାକୁ ଘଟାଂ ଘଟାଂ ଅପେକ୍ଷା କରିବାକୁ ପଡ଼ିଲା। ଏହା ନିହାତି ବିରକ୍ତିକର। ଅନେକ ସ୍ଥାନରେ ଭୋଟ ଗଣତି ପରେ ଉନ୍ନଜନା ସୃଷ୍ଟି ହେଲା। କାରଣ ପରାଜିତ ପ୍ରାର୍ଥୀ ଗଣତିରେ ଜାଲିଆତି ଓ ଗଡ଼ବଡ଼ କରାଯାଇଥିବା ଅଭିଯୋଗ ଆଣିଲେ। ଯଦି ସେଠାରେ ଇଭିଏମ ବ୍ୟବହାର ହୋଇଥାନ୍ତା ତେବେ ହୁଏତ ଏଭଳି ଅଭିଯୋଗର ସୁଯୋଗ ନଥାନ୍ତା। ତେଣୁ ସବୁ ସ୍ତରରେ ନିର୍ବାଚନରେ ଇଭିଏମ ବ୍ୟବହାରର ଆବଶ୍ୟକତା ରହିଛି ଏବଂ ଏହାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଅନୁଚିତ। ଏଥିନେଇ ବ୍ୟାପକ ସହମତିର ଆବଶ୍ୟକତା ରହିଛି। ଇଭିଏମ ତୁଳନାରେ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ମଧ୍ୟ ଅଧିକ ବ୍ୟୟ ବହୁଳ ଏବଂ ଏଥିରେ ବିପଦ ଆଶଙ୍କା ମଧ୍ୟ ରହିଛି। ବାଲଟ ବକ୍ସରୁ ଗୋଟିଏ ବାଲଟ ପେପର ଯଦି ନଷ୍ଟ ହୋଇଯାଏ କିମ୍ବା ଗାଏବ ହୋଇଯାଏ ତେବେ ସମଗ୍ର ନିର୍ବାଚନ ପ୍ରକ୍ରିୟା ନଷ୍ଟ ହୋଇଯିବ। ବାଲଟ ପେପର ମାଧ୍ୟମରେ ଭୋଟରେ ଜାଲିଆତି ଓ ଅନିୟମିତତା ଆଶଙ୍କା ମଧ୍ୟ ଅଧିକ। କେହି ଜଣେ ବାଲଟ ପେପରକୁ ଛଡ଼ାଇ ନେଇପାରେ କିମ୍ବା ଏହାର ବ୍ୟବହାର ଖରାପ ଉଦ୍ଦେଶ୍ୟରେ ହୋଇପାରେ। ଇଭିଏମ ପରିବର୍ତ୍ତେ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ପାଇଁ ଅଧିକ ସମୟ ମଧ୍ୟ ଲାଗୁଛି। ତେଣୁ ଭବିଷ୍ୟତରେ ପଚାଂୟତ ନିର୍ବାଚନରେ ମଧ୍ୟ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ବ୍ୟବସ୍ଥା ହେବା ଉଚିତ। ୟୁରୋପର ଛୋଟ ଛୋଟ ଦେଶରେ ବାଲଟ ପେପର ବ୍ୟବହାର ହୋଇପାରେ। କିନ୍ତୁ ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ଦେଶରେ ଏହା ଗ୍ରହଣଯୋଗ୍ୟ ନୁହେଁ। ଏଥିପାଇଁ ଇଭିଏମର ବ୍ୟବହାର ଯଥାର୍ଥ। ଏହାକୁ ନେଇ ଅଯଥା ବିତର୍କ ଏବଂ ବିବାଦ ଅନୁଚିତ। ନିର୍ବାଚନ ସଂସ୍କାରରେ ଇଭିଏମ ଏକ ଅପରିହାର୍ଯ୍ୟ ଅଙ୍ଗ। ଏହାକୁ ଏଡ଼ାଯାଇପାରିବ ନାହିଁ।

## ସାହିତ୍ୟିକ ପାଣିପାଗ : ଏକ ଅନାଲୋଚିତ ପୁସ୍ତକର ରେଭେନ୍‌ସା

### ଅସିତ ମହାନ୍ତି

କଟକର ରେଭେନ୍‌ସା କଲେଜ (ଏବେ ୟୁନିଭର୍ସିଟି) ଓଡ଼ିଶାରେ ଆଧୁନିକ ଶିକ୍ଷାର ପ୍ରଥମ ମନ୍ଦିର। ଓଡ଼ିଶାର ପ୍ରାକ୍ତନ କମିସନର ଟମାସ୍ ଏରିକ୍ ରେଭେନ୍‌ସାଙ୍କ ନାମାନୁସାରେ ଏହା ନାମିତ। ସେ କମିସନର ଥିବାବେଳେ ଓଡ଼ିଶାରେ ଘଟିଥିଲା ପ୍ରଳୟଙ୍କରୀ ନ'ଅଙ୍କ ଦୁର୍ଭିକ୍ଷ। ସେଥିରେ ପ୍ରବଳ ଲୋକକ୍ଷୟ ହୋଇଥିଲା। ସେଥିପାଇଁ ତାଙ୍କର ଅପାରଗତାକୁ ଦାୟୀ କରି, ତାଙ୍କ ନାମରେ ନାମିତ ଏହି ଶିକ୍ଷାମନ୍ଦିରର ନାମ ପରିବର୍ତ୍ତନ କରିବାକୁ ଯେଉଁ ଦାବି କେତେକଙ୍କ ପକ୍ଷରୁ ଉଠୁଥିଲା, ତାହା ଏବେ ମଉଳି ଯାଇଛି। କିନ୍ତୁ ସେହି ଦାବି ମରିଯାଇ ନାହିଁ। ତେବେ, ସେହି ଦାବିର ଯେ ସେପରି କିଛି ଯଥାର୍ଥତା ନାହିଁ, ସେ ସଂପର୍କରେ ଗୋଟିଏ ବହି ଆମକୁ ସ୍ପଷ୍ଟ ପ୍ରମାଣ ଦିଏ। ସେ ବହିଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ପ୍ରାୟ ଅନାଲୋଚିତ ହୋଇ ରହିଛି। ବହିଟି ହେଉଛି- 'ଆଧୁନିକ ଶିକ୍ଷା ଓ ଓଡ଼ିଶା'। ତାହାର ଲେଖକ ମହେଶ ଚନ୍ଦ୍ର ମହାପାତ୍ର। ସେ ଜନ୍ମ ହୋଇଥିଲେ ୧୯୧୩ ମସିହା ଏପ୍ରିଲ ମାସ ୫ ତାରିଖରେ, ମୟୂରଭଞ୍ଜ ଜିଲା ଅନ୍ତର୍ଗତ ବାରିପଦା ସହରର ଲାଲବଜାରରେ। ତାଙ୍କର ପିତା ଭାଗୀରଥି ମହାପାତ୍ର ଥିଲେ ତତ୍‌କାଳୀନ ମୟୂରଭଞ୍ଜ ଷ୍ଟେଟ୍‌ର ଡେପୁଟି କଲେକ୍ଟର। ତାଙ୍କର ପିତାମହ ଗୋବିନ୍ଦଚନ୍ଦ୍ର ମହାପାତ୍ର ଥିଲେ ଜଣେ ବିଦଗ୍ଧ ସଂସ୍କୃତ ପଣ୍ଡିତ ତଥା ତତ୍‌କାଳୀନ ମୟୂରଭଞ୍ଜ ଷ୍ଟେଟ୍‌ର ଦେବାନ୍। ତାଙ୍କର ଜ୍ୟେଷ୍ଠଭ୍ରାତା ବିଶ୍ୱମ୍ଭର ବିଦ୍ୟାଭୂଷଣ ଥିଲେ ଜଣେ ଓଡ଼ିଆ ଜାତୀୟତାବାଦୀ ଏବଂ ସେ ଓଡ଼ିଆ ଭାଷାର ପ୍ରଚାରପ୍ରସାର କ୍ଷେତ୍ରରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଏହିପରି ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ନେଇଥିବା ମହେଶ ଚନ୍ଦ୍ର ମହାପାତ୍ର ସ୍ୱାଭାବିକ ଭାବରେ ଥିଲେ ଜଣେ ଓଡ଼ିଆ ଭାଷା-ସାହିତ୍ୟପ୍ରେମୀ ଏବଂ ଓଡ଼ିଆ ଜାତୀୟତାର ଉପାସକ। ସେ ମଧ୍ୟ ଥିଲେ ଅତ୍ୟନ୍ତ ସ୍ୱାଧୀନଚେତା। ବାରିପଦା ହାଇସ୍କୁଲର ଛାତ୍ର ଥିବାବେଳେ, ସେ ସ୍କୁଲ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ବିଦେଶୀ ବସ୍ତ୍ର ବର୍ଜନ, ଖଦି ବସ୍ତ୍ରର ପ୍ରଚାର ଓ ସତ୍ୟାଗ୍ରହ ଆନ୍ଦୋଳନରେ ସେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏ କ୍ଷେତ୍ରରେ ପରିବାରର ପ୍ରତିବାଦକୁ ସେ ଭ୍ରୂକ୍ଷେପ କରି ନଥିଲେ। ପରେ, କଟକରେ ଅବସ୍ଥାନ କାଳରେ ଶ୍ରୀ ମହାପାତ୍ର ଐତିହାସିକ ପରମାନନ୍ଦ ଆଚାର୍ଯ୍ୟ, ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଗବେଷକ ସୁଧାକର ପଟ୍ଟନାୟକ ପ୍ରମୁଖଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ବହୁ ଐତିହାସିକ ତଥ୍ୟ ଉନ୍ମୋଚନରେ ବ୍ରତୀ ହୋଇଥିଲେ। 'ଆଧୁନିକ ଶିକ୍ଷା ଓ ଓଡ଼ିଶା' ତାହାର ଏକ ନିଦର୍ଶନ। କଟକରେ ଅବସ୍ଥାନ କାଳରେ ଶ୍ରୀ ମହାପାତ୍ର ବହୁ ବିଶିଷ୍ଟ ସାହିତ୍ୟିକ ଓ ସଂପାଦକଙ୍କ ସଂସ୍ପର୍ଶରେ ମଧ୍ୟ ଆସିଥିଲେ। ସେମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଂଠ ଦାସ, 'ସମାଜ' ସଂପାଦକ ରାଧାନାଥ ରଥ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ମାୟାଧର ମାନସିଂହ, ଅନ୍ନଦା ଶଙ୍କର ରାୟ ଓ ଗୋଦାବରୀଶ ମହାପାତ୍ର ଆଦିଙ୍କ ନାମ ଉଲ୍ଲେଖନୀୟ। ସେ ମଧ୍ୟ ଥିଲେ ଆକାଶବାଣୀ, କଟକର ଜଣେ ସ୍ୱନାମଧନ୍ୟ ନାଟ୍ୟକାର। 'ସବ୍ୟସାଚୀ', 'କ୍ଷୁଧା' ଓ 'ଦୁଇପୁରୁଷ' ତାଙ୍କ ରଚିତ ତିନିଟି ନାଟକ। ସେହିପରି, 'ରାଣୀ ଶାସନର ମାନି', 'ଦେବା ନ ଜାନନ୍ତି', 'ସୃଜନର ଛନ୍ଦ', 'ମହାନଗରୀରର ମାୟା' ଓ 'ଶ୍ରୀରାଧାର ଅଭିସାର' ଆଦି ଉପନ୍ୟାସର ମଧ୍ୟ ସେ ରଚୟିତା। 'ଷଟ୍ ?ପଦୀ' ଓ 'ଦୁଇ କନ୍ୟାର କାହାଣୀ' ଆଦି ତାଙ୍କର ଗଳ୍ପପୁସ୍ତକ। ଅନୁବାଦ କ୍ଷେତ୍ରରେ ମଧ୍ୟ ତାଙ୍କର ରହିଛି 'ରାମାୟଣ'ର ଗଦ୍ୟରୂପ। 'ଧୂର୍ଜଟୀ' ଛଦ୍ମନାମରେ ସେ ଗଳ୍ପ ଓ ଉପନ୍ୟାସ ଲେଖୁଥିଲେ ଏବଂ ଆଧୁନିକ ଚେତନାଧର୍ମୀ ମାସିକ ସାହିତ୍ୟ ପତ୍ରିକା 'ଚନ୍ଦ୍ରିକା'ର ସଂପାଦନା ମଧ୍ୟ କରିଥିଲେ। କିନ୍ତୁ ଏକମାତ୍ର ପ୍ରବନ୍ଧ ବା ଆଲୋଚନା ପୁସ୍ତକ ହେଲେ ମଧ୍ୟ, 'ଆଧୁନିକ ଶିକ୍ଷା ଓ ଓଡ଼ିଶା' ତାଙ୍କର ସାହିତ୍ୟକୃତିଗୁଡ଼ିକ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରେ। ଏହି ପୁସ୍ତକର ପ୍ରକାଶକ- କଟକର 'ଗ୍ରନ୍ଥ ମନ୍ଦିର' ଏବଂ ପ୍ରଥମ ପ୍ରକାଶକାଳ ୧୯୭୭। ୧୯୯୫ ନଭେମ୍ବରରେ ତାହାର ପରିମାର୍ଜିତ ନୂତନ ସଂସ୍କରଣ ପ୍ରକାଶ ପାଇଥିଲା। ପରେ ୨୦୦୯ରେ ତାହା ପୁନର୍ମୁଦ୍ରିତ ମଧ୍ୟ ହୋଇଛି। ପୁସ୍ତକଟି ଦୁଇଭାଗରେ ରଚିତ। 'ସୂଚନା' ଶୀର୍ଷକ ତାହାର ପ୍ରଥମ ସଂସ୍କରଣର ମୁଖବନ୍ଧରେ ଶ୍ରୀ ମହାପାତ୍ର ଲେଖିଛନ୍ତି- "ପ୍ରଥମ ଭାଗରେ ଭାରତରେ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀର ଶାସନରେ ଯେଉଁ ଶିକ୍ଷା ବ୍ୟବସ୍ଥା କ୍ରମେ କ୍ରମେ ପ୍ରଚଳନ କରାଯାଇଥିଲା, ତା'ର ବିବରଣ ଓ ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ଶାସନ ଫଳରେ ଶିକ୍ଷାକ୍ଷେତ୍ରରେ ସରକାରୀ ତତ୍ପରତାର ବିବରଣ ଦିଆଯାଇଛି। ଦ୍ୱିତୀୟ ଭାଗରେ ଇଂରେଜମାନଙ୍କ ଦ୍ୱାରା ଓଡ଼ିଶା ଅଧିକାର (ଖ୍ରୀ. ୧୮୦୩)ଠାରୁ ବିଂଶ ଶତାବ୍ଦୀର ଆରମ୍ଭ (ଖ୍ରୀ. ୧୯୦୩) ପର୍ଯ୍ୟନ୍ତ କମ୍ପାନୀ ଅମଳ ତଥା ସରକାରୀ ଶାସନରେ ଓଡ଼ିଶା ଡିଭିଜନ୍‌ର ଶିକ୍ଷାବ୍ୟବସ୍ଥାର ଚିତ୍ର ଦିଆଯାଇଛି। ତା'ଛଡ଼ା, ଓଡ଼ିଶାର ଗଡ଼ଜାତମାନଙ୍କରେ ସେ ସମୟରେ ଆଧୁନିକ ଶିକ୍ଷା ପ୍ରଚଳନ ଦିଗରେ ଯେଉଁ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା, ତା'ର ବିବରଣ, ନାରୀଶିକ୍ଷା, ସାଂପ୍ରଦାୟିକ ଶିକ୍ଷା ଓ ଉପାନ୍ତ ଅଂଚଳର ଶିକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଯଥାସାଧ୍ୟ ଆଲୋଚନା କରାଯାଇଛି। ଶେଷ ଅଧ୍ୟାୟଟିରେ, ଊନବିଂଶ ଶତାବ୍ଦୀରେ ଓଡ଼ିଶାର ଶାସନକେନ୍ଦ୍ର କଟକର ସାମାଜିକ ଜୀବନ ଉପରେ ଆଲୋଚନା କରାଯାଇଛି।" ଏଣୁ ବହୁ ଦୃଷ୍ଟିରୁ ଏହି ପୁସ୍ତକଟି ଗୁରୁତ୍ୱପୂର୍ଣ୍ଣ। ଶ୍ରୀ ମହାପାତ୍ର ତାଙ୍କ ମୁଖବନ୍ଧରେ ସୂଚିତ କରିଛନ୍ତି- ଏହି ଗ୍ରନ୍ଥରଚନା ପାଇଁ ଯେଉଁସବୁ ସରକାରୀ ରିପୋର୍ଟ ବ୍ୟବହାର କରାଯାଇଛି, ପ୍ରାୟ ସେ ସବୁ ତାଙ୍କର ଜାମାତା ତଥା ଅଧ୍ୟାପକ ବେଦୁଲା ଭୀମଶଙ୍କର ଶାସ୍ତ୍ରୀଙ୍କ ସହାୟତାରେ ତାଙ୍କୁ ମିଳିଛି ଏବଂ ଓଡ଼ିଶା ଷ୍ଟେଟ୍ ଗେଜେଟିୟରର ସଂପାଦକ ଦୁର୍ଗାଚରଣ କୁଅଁର ଓ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ପରିଚାଳକ ମହେଶ ପ୍ରସାଦ ଦାଶ ଏ କ୍ଷେତ୍ରରେ ତାଙ୍କୁ ସହାୟତା କରିଛନ୍ତି। ଏ ଦୃଷ୍ଟିରୁ ପୁସ୍ତକଟି ପ୍ରାମାଣିକ। ସଂପ୍ରତି, ନ'ଅଙ୍କ ଦୁର୍ଭିକ୍ଷ ଜନିତ ଲୋକକ୍ଷୟ ଆଳରେ ଓଡ଼ିଶାର ତତ୍‌କାଳୀନ କମିସନର ଟି. ଇ. ରେଭେନ୍‌ସାଙ୍କୁ ନିନ୍ଦିତ କରାଯିବା ସହିତ, ତାଙ୍କ ନାମରେ ନାମିତ ରେଭେନ୍‌ସା କଲେଜର ନାମ ପରିବର୍ତ୍ତନ କରିବା ନିମନ୍ତେ ଯେଉଁ ସ୍ୱର ଉଠୁଛି, ସେ ଦୃଷ୍ଟିରୁ ଏହି ପୁସ୍ତକର ସଂପୃକ୍ତ ଆଲୋଚନା ଗୁଡ଼ିକ ପ୍ରାସଙ୍ଗିକ। ଏ ସଂପର୍କରେ ସବିଶେଷ ଆଲୋଚନାର ଅବକାଶ ଏହି ସୀମିତ ପରିସରରେ ନାହିଁ। ତେବେ ତାହାର ସଂକ୍ଷିପ୍ତ ଉପସ୍ଥାପନା ଏ ପ୍ରସଙ୍ଗରେ କରାଯାଇ ପାରିବ। ପୁସ୍ତକର ଷଷ୍ଠ ଓ ସପ୍ତମ ଅଧ୍ୟାୟରେ ଶ୍ରୀ ମହାପାତ୍ର ଏହାର ବିସ୍ତୃତ ଆଲୋଚନା କରିଛନ୍ତି। 'ନ'ଅଙ୍କ ଦୁର୍ଭିକ୍ଷ' ପ୍ରସଙ୍ଗରେ ସେ ଲେଖିଛନ୍ତି- "ଦୁର୍ଭିକ୍ଷର କାରଣ ଅନୁସନ୍ଧାନ ପାଇଁ କମିଶନ ବସିଲା। କମିଶନ କହିଲେ, ଯଥା ସମୟରେ ଉପଯୁକ୍ତ ପଦକ୍ଷେପ ନେଇ ନ ଥିବା ହେତୁ ଦୁର୍ଭିକ୍ଷ ହେଲା। ବଙ୍ଗଳାର ଛୋଟଲାଟ ସିସିଲ ବିଡ଼ନ୍ ଓ ତାଙ୍କ କାଉନସିଲକୁ ଏଥିପାଇଁ ଦାୟୀ କରାଗଲା। କମିଶନ ରେଭିନିଉ ବୋର୍ଡ ଉପରେ ଦୋଷ ଲଦିଲେ। ୧୮୬୭ରେ ରେଭିନିଉ ବୋର୍ଡ ଅଧଡଜନ କ୍ଷମାପ୍ରାର୍ଥନା କରି ଏକ କବୁଲନାମା ପ୍ରକାଶ କଲେ ଯେ ଠିକ୍ ସମୟରେ କାମରେ ହାତ ନ ଦେବା ଫଳରେ... ଏହି ଦୁର୍ଦ୍ଦୈବ ଘଟିଛି। ...ସେମାନେ ମାନିଲେ ଯେ ଆଉ କିଛି ହେଉ ନ ହେଉ, ଜାନୁଆରୀ ୧ ତାରିଖ (୧୮୬୬)ରେ ରେଭେନ୍‌ଶ ଯେଉଁ ଟେଲିଗ୍ରାମ ପଠାଇଥିଲେ, ତା'ରି ଉପରେ ଯଦି ତତ୍ ?କ୍ଷଣାତ୍ ? କାର୍ଯ୍ୟ କରାଯାଇଥାନ୍ତା, ତାହାହେଲେ ଅନେକ ଜୀବନ ରକ୍ଷା କରାଯାଇ ପାରିଥାନ୍ତା।" ମାତ୍ର ଏହା ସତ୍ତ୍ୱେ, ନ'ଅଙ୍କ ଦୁର୍ଭିକ୍ଷର ପ୍ରାଣହାନି ପାଇଁ ରେଭେନ୍‌ସାଙ୍କୁ ହିଁ ଦାୟୀ କରି, ସେ ହତ୍ୟାକାରୀ, ତେଣୁ ତାଙ୍କର ନାମକୁ ଓଡ଼ିଶାର ଏହି ଆଧୁନିକ ଶିକ୍ଷାମନ୍ଦିରର ନାମରୁ ବାଦ୍ ଦିଆଯାଉ ବୋଲି ସ୍ୱର ଉଠୁଛି। ଏହି ଦୁର୍ଭିକ୍ଷ ପରର ଆଧୁନିକ ଶିକ୍ଷାର ବିସ୍ତାର ଏବଂ ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ସେ କରିଥିବା ଗଠନମୂଳକ କାମଗୁଡ଼ିକୁ ଏ ପ୍ରସଙ୍ଗରେ ବିଚାରକୁ ନିଆଯାଉ ନାହିଁ। 'ଆଧୁନିକ ଶିକ୍ଷା ଓ ଓଡ଼ିଶା'ରେ ପ୍ରାମାଣିକତା ଭିତ୍ତିରେ ଆଲୋଚନା କରି, ଏ ପ୍ରସଙ୍ଗରେ ଶ୍ରୀ ମହାପାତ୍ର ଦେଇଥିବା କେତେକ ମତ-ମନ୍ତବ୍ୟ ଏ କ୍ଷେତ୍ରରେ ପ୍ରଣିଧାନଯୋଗ୍ୟ। ସେ କହିଛନ୍ତି- "ଶିକ୍ଷା ବିଭାଗର ଇଂରେଜ କର୍ମଚାରୀଙ୍କ ଓଡ଼ିଆଭାଷା ପ୍ରତି ବିଦ୍ୱେଷ ତଥା ବଙ୍ଗଳାଭାଷା ପ୍ରତି ପକ୍ଷପାତିତା, ବିଭାଗ ପ୍ରତିଷ୍ଠା ହେବାର ପ୍ରଥମ ଅବସ୍ଥାରୁ ପରିସ୍ଫୁଟ ହୋଇ ଉଠିଥିଲା। କମିଶନାର ରେଭେନ୍‌ଶଙ୍କୁ ଓଡ଼ିଶାରୁ ବଙ୍ଗଳା ଭାଷାର ଉଚ୍ଛେଦ କରିବାକୁ ଗୋଟିଏ ଯୁଗ ଲାଗିଥିଲା ଏବଂ ସେ ଆଂଶିକ ଭାବେ ସଫଳ ହୋଇଥିଲେ।" "ବଙ୍ଗପ୍ରଦେଶର ଶିକ୍ଷାବିଭାଗ ଓଡ଼ିଆ ଭାଷାକୁ ଉଠାଇ ଦେବାକୁ ବ୍ୟବସ୍ଥା କରିସାରିଥିଲେ। ...ସେତେବେଳେ ଏ ପ୍ରଦେଶର ଶାସନମୁଖ୍ୟ ଭାବରେ ରେଭେନ୍‌ଶ ନ ଥିଲେ ହୁଏତ ଓଡ଼ିଆ ଭାଷା ଉଠିଯାଇଥାନ୍ତା।" "ଦୁର୍ଭିକ୍ଷର ଧ୍ୱଂସସ୍ତୂପରୁ ଓଡ଼ିଆ ଲାଭ କଲା ଆତ୍ମ-ପ୍ରତ୍ୟୟ। ଦୁର୍ଭିକ୍ଷ ପରେ ଶିକ୍ଷା, ସଂସ୍କୃତି, ଶାସନ ସବୁକ୍ଷେତ୍ରରେ ଓଡ଼ିଆମାନେ ନିଜକୁ ପ୍ରତିଷ୍ଠିତ କରିବାକୁ ଲୋଡ଼ିଲେ। ...ଏହି ନବଜାଗରଣରେ, ସେହି ଚରମ ଦୁର୍ଦ୍ଦିନରେ ଓଡ଼ିଆମାନଙ୍କୁ ଅକୁଣ୍ଠ ସାହାଯ୍ୟ କରିଥିଲେ କମିଶନର ରେଭେନ୍‌ଶ।" ଏହିପରି ଅନେକ କଥା ଏହି ପ୍ରାୟ ୨୦୦ ପୃଷ୍ଠାର ପୁସ୍ତକରେ ଅଛି। 'କଟକ ହାଇସ୍କୁଲ ଓ ରେଭେନ୍‌ଶ କଲେଜ' ପ୍ରସଙ୍ଗରେ ବଙ୍ଗ ସରକାରଙ୍କ ସେକ୍ରେଟେରୀଙ୍କୁ ରେଭେନ୍‌ସା ଲେଖିଥିବା ପତ୍ରର ପ୍ରାସଙ୍ଗିକ ଉଦ୍ଧୃତି ମଧ୍ୟ ସେ ଦେଇଛନ୍ତି। ସେଥିରେ ରେଭେନ୍ ?ସା ଲେଖିଛନ୍ତି- "କଟକରେ ଗୋଟିଏ କଲେଜ ପ୍ରତିଷ୍ଠା କରିବା ମୋର ବ୍ୟକ୍ତିଗତ ଇଚ୍ଛା ତ ପୂରଣ କରିବ, ତା'ଛଡ଼ା ଓଡ଼ିଶାରେ ଉଚ୍ଚ ଶିକ୍ଷାଦାନ କ୍ଷେତ୍ରରେ ଏହା ଏକ ଅଭୂତପୂର୍ବ ଘଟଣା ହେବ।" ପରିଶେଷରେ, ତାଙ୍କର ଆନ୍ତରିକ ଉଦ୍ୟମ ଫଳରେ କଟକରେ ପ୍ରଥମ କଲେଜ ପ୍ରତିଷ୍ଠା ହୋଇପାରିଥିଲା। ତାହାର ତାରିଖ ଥିଲା ୧୮୭୬ ମସିହା, ଫେବ୍ରୁଆରି ମାସ ୨୩ ତାରିଖ। ପରେ, ୧୮୭୯ରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ତାହାର ନାମ ରଖିଥିଲେ 'ରେଭେନ୍‌ସା କଲେଜ'। ସେତେବେଳକୁ କିନ୍ତୁ ରେଭେନ୍‌ସା ଆଉ ଓଡ଼ିଶାରେ ନ ଥିଲେ। ତାହାର କିଛିମାସ ପୂର୍ବରୁ ସେ ଓଡ଼ିଶାରୁ ବିଦାୟ ନେଇ ସାରିଥିଲେ।

## ମତ ମତାନ୍ତର : ଦେଶରେ ଅସ୍ଥିରତା ସୃଷ୍ଟି ବନ୍ଦ ହେଉ

### ସତ୍ୟକାମ ମିଶ୍ର

ଏବର ତୀବ୍ର ଧ୍ରୁବୀକରଣର ପରିବେଶରେ ଯେତେବେଳେ ମତ ପ୍ରାୟତଃ ବିଭାଜିତ, ସେତିକି ବେଳେ ଯେ କେ ?ଣସି ବିମର୍ଶର ଉଭୟ ପାଖ ସମାନ ଭାବେ ଜନାକୀର୍ଣ୍ଣ ହେଉଥିବା ଦେଖିବାକୁ ମିଳୁଛି। ତେଣୁ, କେ ?ଣସି 'ମତ' ରଖିଲା ବେଳେ ପାସୋରି ଯିବା ଉଚିତ ନୁହେଁ ଯେ 'ମତାନ୍ତର' ମଧ୍ୟ ସମାନ ଗୁରୁତ୍ୱ ବହନ କରିଥାଏ। ଏହି ପରିପ୍ରେକ୍ଷୀରେ 'ମତ ମତାନ୍ତର' ଭଳି ସ୍ତମ୍ଭର ପରିକଳ୍ପନା। ମହାତ୍ମା ଗାନ୍ଧୀ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଆମରଣ ଅନଶନକୁ ଏକ ଶକ୍ତିଶାଳୀ ଅସ୍ତ୍ର ରୂପେ ବ୍ୟବହାର କରୁଥିଲେ। ବ୍ରିଟିସ ଶାସନ ସମୟରେ ସେ ଏକାଧିକବାର ଏହି ଅସ୍ତ୍ର ପ୍ରୟୋଗ କରି ଇଂରେଜ ଶାସକଙ୍କୁ ପ୍ରଭାବିତ କରିପାରିଥିଲେ। ଗାନ୍ଧୀଙ୍କ ପରେ ଭାରତରେ ବିଭିନ୍ନ ଦାବି ହାସଲ ପାଇଁ ନେତାମାନେ ଏହି ଅସ୍ତ୍ର ବ୍ୟବହାର କଲେ। ୧୯୫୨ ମସିହାରେ ଗାନ୍ଧୀଙ୍କର ଜଣେ ଅନୁଗତ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପୋଟି ଶ୍ରୀରାମୁଲୁ ତେଲୁଗୁ ଭାଷାଭାଷୀ ଅଂଚଳକୁ ନେଇ ଗୋଟିଏ ରାଜ୍ୟ ଗଠନ କରିବା ଦାବିରେ ୫୮ ଦିନ ଅନଶନ କରି ମୃତ୍ୟୁ ବରଣ କରିଥିଲେ। ତାଙ୍କ ତ୍ୟାଗର ଫଳ ସ୍ୱରୂପ ଆନ୍ଧ୍ରପ୍ରଦେଶ ୧୯୫୮ ମସିହାରେ ଜନ୍ମ ନେଇଥିଲା ଏବଂ ଭାଷା ଭିତ୍ତିରେ ରାଜ୍ୟଗଠନ ଓ ପୁନର୍ଗଠନ ପ୍ରକ୍ରିୟା ସାରା ଭାରତରେ ଆରମ୍ଭ ହୋଇଥିଲା। ଏ ଭଳି ଉଦାହରଣ ଆଜି ବିରଳ। ରାଜନୈତିକ ଦଳମାନେ ଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସାର ଏହି ଅନନ୍ୟ ମାର୍ଗକୁ କ୍ଷୁଦ୍ର ସ୍ୱାର୍ଥ ସାଧନ ପାଇଁ ଦୁରୁପଯୋଗ କରୁଛନ୍ତି। ଗାନ୍ଧୀ କିମ୍ବା ଶ୍ରୀରାମୁଲୁଙ୍କର ଅମୂଲ୍ୟ ତ୍ୟାଗର କୌଣସି ପ୍ରଭାବ ଉନ୍ନର ପିଢ଼ିର ରାଜନେତାଙ୍କ ପାଖରେ ଦେଖିବାକୁ ମିଳିଲାନି। ବିଭିନ୍ନ ବର୍ଗର ଲୋକଙ୍କ ସ୍ୱାର୍ଥର ଦ୍ୱାହି ଦେଇ ନିଜର ସ୍ୱାର୍ଥ ସାଧନ ପାଇଁ ଯେଉଁ ଅନଶନ ନାଟକ ଚାଲିଛି ତାହା ଜାତୀୟ ସ୍ୱାର୍ଥର ପରିପନ୍ଥୀ ବୋଲି ବୁଝିବା କଷ୍ଟକର ନୁହେଁ। ଗଲା ଜୁନ୍ ମାସରେ ନିଟ୍ ପରୀକ୍ଷାରେ ହୋଇଥିବା ଅବ୍ୟବସ୍ଥା ଓ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆରମ୍ଭ ହୋଇଥିବା ପରୀକ୍ଷା ଖାତାର କଂପ୍ୟୁଟର ପରଦା ମୂଲ୍ୟାୟନରେ ଦେଖା ଦେଇଥିବା ତ୍ରୁଟି ଯୋଗୁଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ବା ବରଖାସ୍ତ ଦାବିକରି ଲାଦାଖର ବିଶିଷ୍ଟ ଶିକ୍ଷାବିତ୍ ତଥା ପରିବେଶ ସଂଗ୍ରାମୀ ସୋନମ ୱାଙ୍ଗଚୁକ, କକ୍ରୋଚ ଜନତା ପାର୍ଟି ଦ୍ୱାରା ଦିଲ୍ଲୀଠାରେ ଚାଲିଥିବା ଆନ୍ଦୋଳନରେ ଯୋଗ ଦେଇ ଅନଶନ ଆରମ୍ଭ କରିଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ତାଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସୋନମଙ୍କ ଏହି ଅନଶନ ସତ୍ୟାଗ୍ରହକୁ ୨୦୧୧ ମସିହାରେ ଆନ୍ନା ହଜାରେ ଦୁର୍ନୀତି ବିରୁଦ୍ଧରେ କରିଥିବା ଅନଶନ ସହିତ ତୁଳନା କଲେ। କିନ୍ତୁ ଏଭଳି ତୁଳନାର କୌଣସି ଯଥାର୍ଥତା ନାହିଁ। ସୋନମ ଓ ଆନ୍ନାଙ୍କ ଅନଶନ ସତ୍ୟାଗ୍ରହକୁ କୌଣସି ଦୃଷ୍ଟିରୁ ଗୋଟିଏ ନିକିତିରେ ତଉଲ କରାଯାଇ ପାରିବ ନାହିଁ। ଆନ୍ନା ହଜାରେ ଜଣେ ଅତ୍ୟନ୍ତ ଲୋକପ୍ରିୟ, ସରଳ ପ୍ରକୃତି ଓ ନିଷ୍କଳଙ୍କ ଚରିତ୍ର ସମ୍ପନ୍ନ ସାମାଜିକ କର୍ମୀ ଥିଲେ। ସେ ଉଚ୍ଚ ସ୍ତରରେ ହେଉଥିବା ଦୁର୍ନୀତି ଓ ବ୍ୟଭିଚାର ବିରୁଦ୍ଧରେ ଆନ୍ଦୋଳନ କରି ଲୋକପାଳ ଓ ଲୋକାୟୁକ୍ତ ଆଇନ ପ୍ରଣୟନ କରିବାକୁ ଭାରତ ସରକାରଙ୍କୁ ବାଧ କରିଥିଲେ। ତା' ପୂର୍ବରୁ ତାଙ୍କର ଆନ୍ଦୋଳନ ଯୋଗୁଁ ଦେଶରେ ଯୁଗାନ୍ତକାରୀ ସୂଚନା ଅଧିକାର ଆଇନ ପ୍ରଣୟନ ଓ କାର୍ଯ୍ୟକାରୀ ହୋଇଥିଲା। ୨୦୧୧ ମସିହାରେ ସେ ଦୁର୍ନୀତି ବିରୁଦ୍ଧରେ ପ୍ରଥମେ ଅନଶନ କରି ପ୍ରତିବାଦ ଆରମ୍ଭ କରିଥିଲେ। ପରେ ଅନ୍ୟମାନେ ସେଥିରେ ଯୋଗ ଦେଇଥିଲେ। ସଂସଦକୁ ବିରୋଧୀ ଦଳମାନେ ଚାଲିବାକୁ ନ ଦେଇ ଯେଉଁ ଦେଶ ବିରୋଧୀ କାର୍ଯ୍ୟ କଲେ, ସେଥିପାଇଁ ଜନତା ତାଙ୍କୁ କ୍ଷମା କରିବେନି। ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ଭତ୍ତା ବାବଦରେ ଖର୍ଚ୍ଚ ହେଉଛି। ଜନତା ସବୁ ଦେଖୁଛନ୍ତି। ବ୍ୟବସ୍ଥାରେ ଯଦି କିଛି ତ୍ରୁଟି ଅଛି ତାହା ଦୂର କରିବା ପାଇଁ ବିରୋଧୀ ଦଳ ଉଦ୍ୟମ କରନ୍ତୁ। ସେମାନେ ମନେରଖିବା ଉଚିତ ଯେ ଲୋକଙ୍କ ବିଶ୍ୱାସ ଜିତିବା ପାଇଁ ସେମାନଙ୍କୁ କିଛି କରି ଦେଖାଇବାକୁ ପଡ଼ିବ। ଦେଶରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରି କିଛି ଲାଭ ହେବନି। ଜନତା ସେମାନଙ୍କୁ ପ୍ରତ୍ୟାଖ୍ୟାନ କରି ଚାଲୁଥିବେ। ବିରୋଧୀ ଦଳଗୁଡ଼ିକ ଔଷଧ ବିକଳରେ ତାଟିଆ କାମୁଡ଼ିବା ଅଭ୍ୟାସ ଛାଡ଼ି ପ୍ରକୃତ ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରନ୍ତୁ। ସୋନମଙ୍କ ଆନ୍ଦୋଳନ କିନ୍ତୁ ସଂପୂର୍ଣ୍ଣ ଭିନ୍ନ। ବ୍ୟକ୍ତିଗତ ସ୍ତରରେ ତାଙ୍କ ନାମରେ କେତେକ ଅଭିଯୋଗ ଅଛି। ନିଜେ ପ୍ରତିଷ୍ଠା କରିଥିବା ଅନୁଷ୍ଠାନ ନାମରେ ବେଆଇନ ଭାବରେ ବିଦେଶ ପାଣ୍ଠି ଆଣିବା, ଲଦାଖର ନିରୀହ ଲୋକଙ୍କୁ ମତାଇ ଆନ୍ଦୋଳନ କରିବା, ବିଶ୍ୱବିଦ୍ୟାଳୟ ମଂଜୁରି ଆୟୋଗର ସ୍ୱୀକୃତି ନ ଥାଇ ନିଜ ଅନୁଷ୍ଠାନରେ ପିଲାମାନଙ୍କୁ ଶିକ୍ଷା ଦେଇ ଡିଗ୍ରି ପ୍ରମାଣପତ୍ର ଦେବା ଏବଂ ଭାରତ ସରକାରଙ୍କ ଦ୍ୱାରା ନିଷିଦ୍ଧ କରାଯାଇଥିବା ପାକିସ୍ତାନର ଗୋଟିଏ ଗଣମାଧ୍ୟମର ନିମନ୍ତ୍ରଣ ରକ୍ଷା କରି ନିଜ ପତ୍ନୀଙ୍କ ସହିତ ପାକିସ୍ତାନରେ ଆୟୋଜିତ ଗୋଟିଏ ସମ୍ମାନରେ ଯୋଗଦେବା ପରେ ପାକିସ୍ତାନ ସହିତ ତାଙ୍କର ଗୁପ୍ତ ସମ୍ପର୍କ ବିଷୟରେ ସନ୍ଦେହ ପ୍ରକଟ ହେବା ଇତ୍ୟାଦି। ଭାରତ ସରକାର ତାଙ୍କ ଅନୁଷ୍ଠାନ ବିରୁଦ୍ଧରେ ଗ୍ରହଣ କରିଥିବା ପଦକ୍ଷେପ ଦୃଷ୍ଟିରୁ ସେ ଆନ୍ନା ହଜାରେଙ୍କ ସହିତ ଆଦୌ ତୁଳନୀୟ ନୁହନ୍ତି। ଲଦାଖର ପୁଲିସ ମହାନିର୍ଦ୍ଦେଶକ ସୋନମଙ୍କର ପାକିସ୍ତାନ ସହିତ ସମ୍ପର୍କ ବିଷୟରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଥିଲେ। ବିଦେଶରୁ ନିଜ ସଂସ୍ଥା ନାମରେ ପାଣ୍ଠି ସଂଗ୍ରହ ସୁବିଧା ସୋନମଙ୍କ ଅନୁଷ୍ଠାନରୁ ପ୍ରତ୍ୟାହୃତ ହୋଇଛି। ଏହି ପୃଷ୍ଠଭୂମିରେ ସେ ଅନ୍ୟ ଏକ ଗୋଷ୍ଠୀ ଦ୍ୱାରା ଆହୂତ ଆନ୍ଦୋଳନରେ ଯୋଗ ଦେଇ ଆମରଣ ଅନଶନ କରିବା ଆନ୍ଦୋଳନର ଉଦ୍ଦେଶ୍ୟ ପ୍ରତି ତାଙ୍କର ପ୍ରତିବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ କଥା ନିଶ୍ଚିତ ଭାବେ ସତ୍ୟ ଯେ ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଓ ପରୀକ୍ଷା ବାତିଲ ପରୀକ୍ଷାର୍ଥୀମାନଙ୍କୁ ହତାଶ କରିଥିଲା। ଏହା ପ୍ରତ୍ୟେକ ସଚେତନ ନାଗରିକଙ୍କୁ ମଧ୍ୟ ବ୍ୟଥିତ କରିଥିଲା। କିନ୍ତୁ, କେନ୍ଦ୍ର ସରକାର ଅଭିଯୋଗ ପାଇଲା ପରେ ଯେଉଁ ପଦକ୍ଷେପ ଗ୍ରହଣ କଲେ ଏବଂ ଯେପରି ଭାବେ ନିର୍ଦ୍ଧାରିତ ସମୟ ମଧ୍ୟରେ ପୁନର୍ବାର ପରୀକ୍ଷା କରି ଫଳ ପ୍ରକାଶ କଲେ ତାହା ନିଟ୍ ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବା ପାଇଁ ସରକାରଙ୍କର ନିଷ୍ଠାକୁ ପ୍ରମାଣ କଲା। ଆଜି ପର୍ଯ୍ୟନ୍ତ ଦେଶରେ ଯେତେ ନେତା ବା ବିଶିଷ୍ଟ ବ୍ୟକ୍ତି ବିଭିନ୍ନ କାରଣରୁ ଆମରଣ ଅନଶନରେ ବସିଛନ୍ତି ସେମାନଙ୍କ ମଧ୍ୟରୁ କେହି ଜଣେ ବି କୌଣସି ମନ୍ତ୍ରୀଙ୍କର ବରଖାସ୍ତ ଭଳି ନଗଣ୍ୟ ଦାବି ଉପରେ ଜୋର ଦେଇ ନ ଥିଲେ। ବିରୋଧୀ ଦଳ ମନେରଖିବା ଉଚିତ ଯେ ସାଧାରଣ ଜନତା ଆଉ ବୋକା ହୋଇ ନାହାନ୍ତି। ସେମାନଙ୍କୁ ବିଭ୍ରାନ୍ତ କରିବା ସହଜ ନୁହେଁ। ନାଲି ଟୋପି ପିନ୍ଧି ଯେଉଁ ନେତା ଲୋକସଭାରେ ଛାତ୍ରଙ୍କ ସ୍ୱାର୍ଥରକ୍ଷା ପାଇଁ ବେଶୀ ହଲ୍ଲା କରିଥିଲେ, ସେ କ'ଣ ନିଜ ରାଜ୍ୟ କଥା ଭୁଲିଗଲେଣି ? ଉତରପ୍ରଦେଶରେ ପରୀକ୍ଷାରେ ନକଲ ଯୋଗୁଁ ଏକଦା ପରୀକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିବାରୁ ତତ୍କାଳୀନ ଶିକ୍ଷା ମନ୍ତ୍ରୀ ରାଜନାଥଙ୍କ ପରାମର୍ଶକ୍ରମେ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂହ ଏକ ନକଲ ବିରୋଧୀ ଆଇନ ପ୍ରଣୟନ କରି ନକଲ କରିବାକୁ ଏକ ଜାମିନ ବିହୀନ ଅପରାଧ ରୂପେ ଗ୍ରହଣ କରି କଠୋର ଦଣ୍ଡର ବ୍ୟବସ୍ଥା କରିଥିଲେ। ଫଳରେ ପରୀକ୍ଷାର ବିଶ୍ୱସନୀୟତା ବୃଦ୍ଧି ପାଇଥିଲା, ନକଲ ବନ୍ଦ ହେଲା ପରେ ପାସ ହାର ବହୁତ କମିଯାଇଥିଲା। ଗୁଣ୍ଡା ବଜାରୀ ଓ ଅସାମାଜିକ ବ୍ୟକ୍ତି ଶିକ୍ଷାନୁଷ୍ଠାନରୁ ଅପସରି ଗଲେ। କଲ୍ୟାଣ ସିଂହଙ୍କ ପରେ ମୁଲାୟମ ସିଂହ ଯାଦବ ମୁଖ୍ୟମନ୍ତ୍ରୀ ହେଲା ପରେ ସେହି ଆଇନକୁ ଉଚ୍ଛେଦ କରିଦେଇଥିଲେ। ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ପୁନଶ୍ଚ ଶିକ୍ଷାନୁଷ୍ଠାନରେ ପଶିଲେ। ଯୋଗୀ ସରକାର ୨୦୨୪ ମସିହାରେ ପୁନଶ୍ଚ ସେହି ଆଇନକୁ ଅଧିକ କଡ଼ାକଡ଼ି ଭାବେ ଲାଗୁ କରିଛନ୍ତି, ଯେଉଁଥିରେ ନକଲ ପାଇଁ ଆଜୀବନ କାରାଦଣ୍ଡରୁ ଆରମ୍ଭ କରି ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଭଳି ଦଣ୍ଡବିଧାନ କରାଯାଇଛି। ଏ କଥା ମୁଲାୟମଙ୍କ ପୁତ୍ର ଅଖିଳେଶ ବୋଧେ ଭୁଲି ଯାଇଛନ୍ତି। ସଂସଦକୁ ବିରୋଧୀ ଦଳମାନେ ଚାଲିବାକୁ ନ ଦେଇ ଯେଉଁ ଦେଶ ବିରୋଧୀ କାର୍ଯ୍ୟ କଲେ, ସେଥିପାଇଁ ଜନତା ତାଙ୍କୁ କ୍ଷମା କରିବେନି। ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ଭତ୍ତା ବାବଦରେ ଖର୍ଚ୍ଚ ହେଉଛି। ଜନତା ସବୁ ଦେଖୁଛନ୍ତି। ବ୍ୟବସ୍ଥାରେ ଯଦି କିଛି ତ୍ରୁଟି ଅଛି ତାହା ଦୂର କରିବା ପାଇଁ ବିରୋଧୀ ଦଳ ଉଦ୍ୟମ କରନ୍ତୁ। ସେମାନେ ମନେରଖିବା ଉଚିତ ଯେ ଲୋକଙ୍କ ବିଶ୍ୱାସ ଜିତିବା ପାଇଁ ସେମାନଙ୍କୁ କିଛି କରି ଦେଖାଇବାକୁ ପଡ଼ିବ। ଦେଶରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରି କିଛି ଲାଭ ହେବନି। ଜନତା ସେମାନଙ୍କୁ ପ୍ରତ୍ୟାଖ୍ୟାନ କରି ଚାଲୁଥିବେ। ବିରୋଧୀ ଦଳଗୁଡ଼ିକ ଔଷଧ ବିକଳରେ ତାଟିଆ କାମୁଡ଼ିବା ଅଭ୍ୟାସ ଛାଡ଼ି ପ୍ରକୃତ ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରନ୍ତୁ।

## ଅଜ୍ଞାତ ଅଜ୍ଞେୟ

ଆମ ସମସ୍ତଙ୍କର ହୃଦୟର ମଣିଷ, ଆମ ଘରର ମୁରବୀ ଆମ ପ୍ରତିଟି କର୍ମର କର୍ତ୍ତା, ନିୟନ୍ତା ରକ୍ଷକ ଆଉ ଦଣ୍ଡାଧାରୀ ମଧ୍ୟ। ସେହି ପରମବ୍ରହ୍ମ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆମେ ଡାକି ଥାଉ ଚକା ଆଖି, ଚକା ନୟନ, ଚକାଡ଼ୋଳା ଆଦି ବିଭିନ୍ନ ନାମରେ। ଆମର ସବୁ ଅଳି ଅର୍ଦ୍ଦଳି, ମାନ-ଅଭିମାନ, ଅନୁରାଗ, ଅଭିଯୋଗ, ଅଭିସମ୍ପାତକୁ ତାଙ୍କ ଆଗରେ ଥୋଇ ନିଜକୁ ବିଶ୍ୱାସର ସହିତ ଆଶ୍ୱସ୍ତ ମଣିଥାଉ। ବର୍ଷରେ ଥରେ ମହାପ୍ରଭୁ ଆସିଥାନ୍ତି ବଡ଼ଦାଣ୍ଡକୁ କୋଟି ଜନ ଭକ୍ତଙ୍କୁ ଦର୍ଶନ ଦେବା ନିମିତ। ଏହି ରଥଯାତ୍ରାକୁ କେହି କେହି ପତିତପାବନ ଯାତ୍ରା, ଘୋଷ ଯାତ୍ରା କେତେ କ'ଣ ନାମରେ ଡାକିଥାନ୍ତି। ସବୁ ମତ, ଧର୍ମ, ଚିନ୍ତା, ଚେତନାର ଶେଷ ଯେଉଁଠି ସେଇଠି ହିଁ ଶ୍ରୀଜଗନ୍ନାଥ ସଂସ୍କୃତି ସର୍ବଧର୍ମର ମୂଳାଧାରା। ମହାପ୍ରଭୁଙ୍କ ବର୍ଷ ତମାମ ଦ୍ୱାଦଶ ଯାତ୍ରା ଭିତରୁ ନବଦିନ ବ୍ୟାପୀ ଗୁଣ୍ଡିଚା ଯାତ୍ରା ବା ଘୋଷ ଯାତ୍ରା ସବୁଠାରୁ ବଡ଼ ଭାବମୟ। ଶ୍ରୀମନ୍ଦିରରୁ ବାହାରି ଜନ ସମୁଦ୍ର ଭିତରେ ଏକାକାର ହୋଇଯାଆନ୍ତି, ବାଛ ବିଚାର ଶୂନ୍ୟ, ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସେ ନିର୍ବିକାର ଭାବେ ଦର୍ଶନ ଦିଅନ୍ତି। ଶ୍ରୀଗୁଣ୍ଡିଚା ରଥଯାତ୍ରା ଆମ ଶରୀର ରଥର ଆଧ୍ୟାତ୍ମ ପ୍ରତୀକ ଭାବେ ଆମକୁ ଜଣା। ଆମ ଦେହ ରଥ କିପରି ଆଗେଇ ଚାଲିବ କର୍ମଜଞ୍ଜାଳ ଭିତରେ ଗତିଶୀଳ ହେବ ଏହା ହିଁ ରଥଯାତ୍ରାର ଜୀବନ ଚେତନା। ମହାପ୍ରଭୁଙ୍କ ରଥଯାତ୍ରା ସର୍ବପ୍ରଥମେ ଅଗ୍ରଜ ବଳଭଦ୍ରଙ୍କ ରଥ ଦ୍ୱିତୀୟରେ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥ ଗୁଣ୍ଡିଚା ଘର ଅଭିମୁଖେ ଆଗେଇ ଚାଲିଥାଏ। ତେବେ ଏକ ଅନାଲୋଚିତ ତଥ୍ୟ ଉପରେ ଆମେ ଅଗଣିତ ଭକ୍ତଜନଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। ଜୀବନରେ ଥରେ ବଡ଼ଦାଣ୍ଡରେ ଶ୍ରୀଜୀଉଙ୍କ ରଥ ଟିକେ ଟାଣିବା ପାଇଁ ଆମ ପରି ଅନେକ କୋଟିଜନ ଭକ୍ତଙ୍କ ଇଚ୍ଛା, ସଂକଳ୍ପ ରହିଥାଏ। ତେବେ ଏକ ଆବେଗପୂର୍ଣ୍ଣ ଅନୁଭୂତି ଏଠାରେ ଉଲ୍ଲେଖ କରୁଛି। ଏ ସମ୍ପର୍କରେ କିଛି ଗବେଷକ ମଧ୍ୟ ତଥ୍ୟ ଉଲ୍ଲେଖ କରିଛନ୍ତି। ସିଂହଦ୍ୱାରରୁ ରଥ ଆଗକୁ ଆଗେଇ ଚାଲିଥାଏ, ତେବେ ବଡ଼ଶଙ୍ଖ ହୋଇଗଲେ ରଥ ଏକ ପ୍ରକାର ନିରବ ରହିଯାଏ। ଆପଣ ଭାବୁଛନ୍ତି ଏହି ନିରବତାଟି କ'ଣ ? ସେଠୁ ଆଉ ରଥ ଚାଲି ନଥାଏ ବରଂ ଦ୍ରୁତଗତିରେ ଅସମ୍ଭାଳ ହୋଇ ଆଗକୁ ମାଡ଼ି ଚାଲେ। ପରିସ୍ଥିତି ଏପରି ହୋଇଛି ପୋଲିସ ବାହିନୀ ରଥ ଟଣା ଛାଡ଼ି ଦଉଡି ଛାଡ଼ି ଦେଇଥାନ୍ତି। ଭକ୍ତମାନେ ଆନନ୍ଦରେ କିନ୍ତୁ ଆଗେଇ ଚଳଚଂଚଳ ହୋଇଯାଆନ୍ତି। ଗୁଣ୍ଡିଚା ଘର ବଡ଼ ଶଙ୍ଖ ଢ଼େର ଉଚାଥାଏ। ତେବେ ଏହା ଭିତରେ ଗୋଟିଏ କଥାକୁ ଲକ୍ଷ୍ୟ କଲେ ଏହା ଜଣାଯାଏ ଯେ ବେଳେ ବେଳେ ଏପରି ସ୍ଥିତି ହୋଇଛି ରଥ ବ୍ରେକ ଉପରେ ଚଢ଼ିଯାଇ ଘୋଡ଼ା ଗୋଡ଼ ଟେକିଲା ଭଳି ଉପରମୁହାଁ ହୋଇ ରହିଥିବେ ଯାହାର ଫଳସ୍ୱରୂପ ବର୍ଷର ଅଧିକାଂଶ ଏହି ରଥଯାତ୍ରାରେ ଚକ ଭାଙ୍ଗିଥାଏ। ପୁଣି ରଥ ଗଡ଼େ। ରଥ ଖଳାର ରଥ ନିର୍ମାତାମାନେ ଏହିଭଳି ରଥ ଟଣା ଅନୁଭୂତି ସବୁ ବର୍ଣ୍ଣନା କରନ୍ତି। ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ବାସ୍ତବରେ ପିଣ୍ଡର ଧାମବୀଜ ଅର୍ଥାତ୍ ସହସ୍ରର ପଦ୍ମ ଦଳ। ଶ୍ରୀଗୁଣ୍ଡିଚା ଗୃହ ଅର୍ଥାତ୍ ଧାମବୀଜରେ ବିଜେ ହେବା ପାଇଁ ରଥଯାତ୍ରାରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଗମନ କରିଥାନ୍ତି। ଜନୈକ ରୂପକାର ସେବାୟତ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ରଙ୍କ ତଥ୍ୟ ଅନୁଯାୟୀ ଷାଠିଏ ବର୍ଷ ତଳେ, ଗୁଣ୍ଡିଚା ଘର ପଟେ କେବଳ ବଗିଚା ଥାଏ। ଆଜିକା ପରି ଏତେ ବଡ଼ ବଡ଼ କୋଠାଘର ସବୁ ନଥାଏ। ଦୁଇପଟେ ଲମ୍ବା କିଆ ବାଡ଼। ବାଟରେ କେବଳ ଭୋଳାନାଥ ବିଦ୍ୟାପୀଠ ସ୍କୁଲଟି ରହିଥାଏ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com ( [illegible] ) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA , Pin :769003




# ଆନ୍ତରାଜ୍ୟ ଚାମ୍ପିୟନସିପରେ ସୁନ୍ଦରଗଡ ଟଙ୍ଗ୍-ଟୁ-ମୁ-ଡୁ ଆସୋସିଏସନ ଚାମ୍ପିୟନ



ରାଉରକେଲା,୧୬/୯(ନି/ପ୍ର): କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଦୁଇ ଦିନିଆ ଆନ୍ତଃ ରାଜ୍ୟ କରାଟେ ଚାମ୍ପିୟନସିପରେ ସୁନ୍ଦରଗଡ ଜିଲ୍ଲା ଟଙ୍ଗ୍-ଟୁ-ମୁ-ଡୁ ଆସୋସିଏସନ ଦଳଗତ ଚାମ୍ପିୟନ ହୋଇଛି। ୨୦୨୬ ସେପ୍ଟେମ୍ବର ୧୨ ଓ ୧୩ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା ବେଳେ ସୁନ୍ଦରଗଡ ଜିଲ୍ଲାର ୧୭ ଜଣ ପ୍ରତିଯୋଗୀ ଏଥିରେ ଭାଗନେଇଥିଲେ। ସେଥିମଧ୍ୟରୁ ୧୬ ଜଣ ପ୍ରତିଯୋଗୀ ନିଜ ନିଜ କ୍ଷେତ୍ରରେ ଗୋଲ୍ଡ, ସିଲଭର୍ ଏବଂ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି। ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାର ଟଙ୍ଗଲ-ଟୁ-ମୁ-ଡୁ ଆସୋସିଏସନ୍ ପକ୍ଷରୁ ଏହି କରାଟେ ପ୍ରତିଯୋଗିତାରେ ରୋହନ୍ କୁମାର ବେଉରା କେଡେଟ୍ ୫୪ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ଜିତିଥିଲା ବେଳେ ବେଳେ ସମାୟକ ସୀତଲ ପ୍ରଧାନ କେଡେଟ୍ ୪୫ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ହାସଲ କରିଛନ୍ତି। ସିଦ୍ଧାର୍ଥ କୁମାର ସାହୁ ସବ୍-ଜୁନିୟର ୩୯ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ହାସଲ କରିଥିବା ବେଳେ ବିଦ୍ୟାଙ୍କ ବେହେରା ସବ୍-ଜୁନିୟର ୩୬ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ଜିତିଛନ୍ତି। ସେହିପରି ରୁମଣୀସ୍ ଶ୍ରୀବାସ୍ତବ ସବ୍-ଜୁନିୟର ୩୨ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ହାସଲ କରିଛନ୍ତି। ଡୋଲି ସୋରେନ୍ ସବ୍-ଜୁନିୟର ୩୩ କେଜି ବର୍ଗରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି। ସୁଚେତା ସାହୁ ସବ୍-ଜୁନିୟର ୫୨ କେଜି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପ୍ରତୀକ୍ଷା ବାରିକ୍ ସବ୍-ଜୁନିୟର ୨୦ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ହାସଲ କରିଛନ୍ତି। ସୁଶ୍ରୀ ସୁହାନୀ ସେଠୀ କେଡେଟ୍ ୪୬ କେଜି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସକ୍ଷମ ତ୍ରିପାଠୀ କେଡେଟ୍ ୫୨ କେଜି ବର୍ଗରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି। ସୋନାଲୀ ଗର୍ଡିଆ ସବ୍ ଜୁନିୟର ୪୨ କେଜି ବର୍ଗରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି। ଅନମୋଲ୍ ବିଶ୍ୱକର୍ମା ସବ୍-ଜୁନିୟର ୩୮ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ହାସଲ କରିଛନ୍ତି। ଏମଡି ସୁବାନ୍ ଅଲ୍ଲି ସବ୍-ଜୁନିୟର ୨୦ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ହାସଲ କରିଛନ୍ତି। ଅନୀମିଶା ଶର୍ମା ସବ୍-ଜୁନିୟର ୩୪ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ହାସଲ କରିଥିବା ବେଳେ ପ୍ରିନ୍ସ ବିଶ୍ୱକର୍ମା ସବ୍-ଜୁନିୟର ୩୬ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ହାସଲ କରିଛନ୍ତି। ଦଳଗତ କରାଟେ (ପୁରୁଷ) ପ୍ରତିଯୋଗିତାରେ ରୋହନ୍ କୁମାର ବେଉରା, ସିଦ୍ଧାର୍ଥ କୁମାର ସାହୁ ଏବଂ ସମୟାକ ସିତଲ ପ୍ରଧାନ କେଡେଟ୍ ପ୍ରତିଯୋଗିତାରେ ପୁମସାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦଳଗତ କରାଟେ (ମହିଳା) ପ୍ରତିଯୋଗିତାରେ ସବ୍-ଜୁନିୟର ବର୍ଗରେ ବିଦ୍ୟଙ୍କା ବେହେରା, ସୁଚେତା ସାହୁ ଏବଂ ସୁଶ୍ରୀ ସୁହାନୀ ସେଠୀ ପୁମସାଇ ସ୍ୱର୍ଣ୍ଣ ବିଜେତା ହୋଇଛନ୍ତି। ସେହିପରି ସବ୍-ଜୁନିୟର (ମହିଳା) ବର୍ଗରେ ରୁମାଂସୀ ଶ୍ରୀବାସ୍ତବ, ଡୁଲି ସୋରେନ୍ ଏବଂ ସୋନାଲୀ ଗର୍ଡିଆ ଫ୍ରେସର ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସବ୍-ଜୁନିୟର କରାଟେ ପ୍ରତିଯୋଗିତାରେ ବିଦ୍ୟଙ୍କା ବେହେରା ଏବଂ ସିଦ୍ଧାର୍ଥ କୁମାର ସାହୁ ପୁମସେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି।

# ବିଶ୍ୱକର୍ମା ପୂଜା ପାଇଁ ଚଳଚଂଚଳ ଇସ୍ପାତ ନଗରୀ

## ସହରରେ ମୂର୍ତି ଏବଂ ପୂଜା ସାମଗ୍ରୀ ଦୋକାନରେ ଭିଡ଼



ରାଉରକେଲା,୧୬/୯(ନି/ପ୍ର): ରାତି ପାହିଲେ ଭଗବାନ ବିଶ୍ୱକର୍ମାଙ୍କ ପୂଜା। ଏହି ଅବସରରେ ରାଉରକେଲା ଇସ୍ପାତ ସହରରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା ପାଇଁ ମୂର୍ତି ଦୋକାନ, ପୂଜା ସାମଗ୍ରୀ ଦୋକାନ, ମିଠା ଦୋକାନ, ଫଳ ଦୋକାନ ସମେତ କପଡ଼ା ଦୋକାନରେ ଭିଡ଼ ଦେଖିବାକୁ ମିଳିଛି। ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା ପାଇଁ କାରଖାନା, ଇଣ୍ଡକ୍ସନ୍ ଫର୍ଣ୍ଣେସ୍, ରୋଲିଂ ମିଲ୍, ସ୍ପଞ୍ଜ ଲୁହା, ବଡ଼ ଗ୍ୟାରେଜ, ୱେଷ୍କୋ କାର୍ଯ୍ୟାଳୟ, ୱାଟକୋ (ପିଏଚଡି) କାର୍ଯ୍ୟାଳୟ ପରିସରରେ ପୂଜା ପେଣ୍ଡାଲ ଏବଂ ତୋରଣ ତିଆରି କରାଯାଇଛି। ଅପରପକ୍ଷରେ ବଡ ବଡ଼ ମଣ୍ଡପରେ ପ୍ରଭୁ ବିଶ୍ୱକର୍ମାଙ୍କ ମୂର୍ତି ସ୍ଥାପନ କରାଯିବା ପାଇଁ ଯୁଦ୍ଧ ସ୍ତରରେ ପ୍ରସ୍ତୁତି ଚାଲିଛି। ଆଜି ବିଶ୍ୱକର୍ମା ପୂଜା ପାଇଁ ରାଉରକେଲା ସହରର ମୁଖ୍ୟ ବଜାର, ଡେଲି ମାର୍କେଟ ସମେତ ଟ୍ରାଫିକ୍ ମାର୍କେଟ, ବିର୍ସା ଚୌକ୍ ମାର୍କେଟ, ଛେଣ୍ଡ ମାର୍କେଟ, ପାନପୋଷ ମାର୍କେଟ, ଫର୍ଟିଲାଇଜର ମାର୍କେଟ, ଆମ୍ବବାଗାନ୍ ଇସ୍ପାତ ମାର୍କେଟରେ ଜୋରସୋରରେ କିଣାକଟା ଚାଲିଛି। ଆସନ୍ତାକାଲି, ସମସ୍ତ କାରଖାନାରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଥିବା ବେଳେ, ମୂର୍ତି ନିର୍ମାତାମାନେ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ମୂର୍ତି ପ୍ରସ୍ତୁତ କରିଛନ୍ତି। ରାଉରକେଲା ଏବଂ ଇସ୍ପାତ ସହରାଂଚଳର ପୂଜା ପାଇଁ ବଜାରରେ ଭିଡ଼ ଦେଖିବାକୁ ମିଳିଥିଲା। ଟ୍ରାଫିକ୍ ପୋଲିସ ପକ୍ଷରୁ, ସହରର ମୁଖ୍ୟ ରାସ୍ତା ଏବଂ ଅନ୍ୟାନ୍ୟ ବଜାରରେ ଟ୍ରାଫିକ୍ କର୍ମଚାରୀମାନେ ଟ୍ରାଫିକ୍ ବ୍ୟବସ୍ଥାର ଯତ୍ନ ସହ ନେଉଥିବା ଦେଖାଯାଇଥିଲା। ଗୁରୁବାର ଦିନ ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗ ସମେତ ଅନ୍ୟାନ୍ୟ କାରଖାନା ଏବଂ ବଡ଼ ବଡ଼ ଗ୍ୟାରେଜ ଦୋକାନଗୁଡ଼ିକରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା କରାଯିବ ବୋଲି ପ୍ରକାଶ।

# ସ୍ୱରାଗିଣୀର ମା’ ଖୁଦୁରୁକୁଣୀ ମେଳଣ ୨୦୨୬ ଆସନ୍ତା ୨୧ରେ



ରାଉରକେଲା,୧୬/୯(ନି/ପ୍ର): ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସ୍ୱରାଗିଣୀ ଅନୁଷ୍ଠାନ ତରଫରୁ ମା ଖୁଦୁରୁକୁଣୀ ମେଳଣ ୨୦୨୬ ଆସନ୍ତା ୨୧ ତାରିଖ ଦିନ ସ୍ଥାନୀୟ ସେକ୍ଟର ୩ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରର ରଥଖଳା ନିକଟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏସମ୍ପର୍କରେ ସେକ୍ଟର ୧ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତାଙ୍କ ତରଫରୁ ସାମ୍ବାଦିକ ମାନଙ୍କୁ ସୂଚନା ଦିଆଯାଇ କୁହାଯାଇଛି ଯେ ଚଳିତ ବର୍ଷ ୫ମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ପ୍ରାୟ ଶତାଧିକ ଖୁଦୁରୁକୁଣୀ ମେଢ ଏହି ଉତ୍ସବରେ ସାମିଲ ହେବାର ସମ୍ଭାବନା ରହିଥିବା ବେଳେ ଗତବର୍ଷ ୭୨ ଟି ମୂତର୍ତି ସାମିଲ ହୋଇଥିଲା। ତେବେ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସୁନାମଧନ୍ୟା ଗାୟିକା ମାନସୀ ପାତ୍ର ଯୋଗଦେଇ ଭଜନ ପରିବେଷଣ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେହିପରି ଏହି ମେଳଣରେ ଦିବା ୧୦ ଠାରୁ ଅପରାହ୍ନ ୧ଟା ମଧ୍ୟରେ ମୂର୍ତ୍ତି ଗୁଡ଼ିକ ମେଳଣ ପଡ଼ିଆରେ ଏକତ୍ରିତ ହେବେ। ସେଗୁଡିକ ମଧ୍ୟରୁ ବଡ଼ ମୂର୍ତି ମଧ୍ୟରୁ ଶ୍ରେଷ୍ଠ ୩ ଟି ମୂର୍ତି ଓ ସାଧାରଣ ମୂର୍ତି ମଧ୍ୟରେ ଶ୍ରେଷ୍ଠ ୩ ଟି ମୂର୍ତ୍ତିକୁ ଅଭିଜ୍ଞ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ସ୍ଥିରିକୃତ କରାଯାଇ ପୁରସ୍କୃତ କରାଯିବ ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ନିର୍ଣ୍ଣିତ ଉପହାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ପ୍ରତ୍ୟେକ ଅଂଶଗ୍ରହଣ କାରୀ ମୂର୍ତ୍ତି ଗୁଡ଼ିକରେ ପ୍ଲାଷ୍ଟିକ ତିଆରି ସାଜସଜ୍ଜା ବଦଳରେ ପ୍ରାକୃତିକ ଫୁଲ ଓ ଅନ୍ୟାନ୍ୟ ପ୍ରଦୂଷଣ ନିରୋଧ ସାମଗ୍ରୀକୁ ଅଗ୍ରାଧିକାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅପରାହ୍ନ ସାଢ଼େ ୩ ଟା ରୁ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଦୁଇ ବିଧାୟକ ଓ ପ୍ରାକ୍ତନ ବିଧାୟକ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ ପ୍ରଫୁଲ୍ଲ ମଙ୍ଗଳ, ସଭାପତି ସାଗରିକା ସାହାଣୀ, ସମ୍ପାଦିକା ମମତାଞ୍ଜଳୀ ଦାସ, ସହ ସମ୍ପାଦିକା ପୁଷ୍ପଲତା ବିଶ୍ୱାଳ, କୋଷାଧ୍ୟକ୍ଷା ଦୀପ୍ତି ନାୟକ, ସାଂସ୍କୃତିକ ସମ୍ପାଦିକା ରଶ୍ମିତାରାଣୀ ନାୟକଙ୍କ ସମେତ ସଦସ୍ୟା ଉର୍ମିଳା ପରିଡ଼ା, ବିଷ୍ଣୁପ୍ରିୟା ସାହୁ, ବାସନ୍ତୀ ସେଠୀ, ରଞ୍ଜିତା ସାହୁ, ସୁନିତା ବିଶ୍ୱାଳ, ଛବିରାଣୀ ପାତ୍ର,ସୋମା ଭଟ୍ଟାଚାର୍ଯ୍ୟ, ମୀନତି ତ୍ରିପାଠୀ, ଜ୍ୟୋତିର୍ମୟୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟକ୍ଷ ଶ୍ରୀ ମଙ୍ଗଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମଡ୍ଡୁ ମହାରାଜ ଲେନରେ ଶ୍ରୀ ଗଣପତି କୃପା ସମିତି ପକ୍ଷରୁ ଗଣେଶ ପୂଜା ପାଇଁ ମଙ୍ଗଳ ପାଠ



ରାଉରକେଲା,୧୬/୯(ନି/ପ୍ର): ସହରର ମଡ୍ଡୁ ମହାରାଜ ଲେନରେ ଶ୍ରୀ ଗଣପତି କୃପା ସମିତି ପକ୍ଷରୁ ଗଣେଶ ପୂଜା ଅବସରରେ ମା’ଙ୍କ ମଙ୍ଗଳ ପାଠ ମହାସମାରୋହରେ କରାଯାଇଥିଲା। ଏଥିପାଇଁ ବିଘ୍ନ ବିନାଶକ ଶ୍ରୀ ଗଣେଶଙ୍କୁ ପୂଜା କରାଯାଇଥିଲା। କମିଟି ଦ୍ୱାରା ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ମା’ଙ୍କ ମଙ୍ଗଳ ପାଠ କରାଯାଇଥିଲା। ଏହି ମଙ୍ଗଳ ପାଠରେ ବହୁ ସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ମଙ୍ଗଳ ପାଠିକା ବୈଶାଳୀ ଶର୍ମାଙ୍କ ଦଳ ଦ୍ୱାରା ମଙ୍ଗଳ ପାଠ ଏବଂ ଏକ ମନମୁଗ୍ଧକର ସାରଣୀ ପରିବେଷଣ କରାଯିବା ସହିତ ଭଜନ ସମାରୋହ ମଧ୍ୟ ଆୟୋଜନ କରାଯାଇଥିଲା।ଏହି ଅବସରରେ ଶ୍ରୀ ଗଣପତି କୃପା ସମିତିର ବିନୟ ଶର୍ମା, ସୁଜିତ ଅଗ୍ରୱାଲ, ଗୁଡ୍ଡୁ ଲାଲୁ ଶର୍ମା, ଟିଙ୍କୁ ଶର୍ମା, ପ୍ରୀତମ ପ୍ରଜାପତି, ସଞ୍ଜୟ ଅଗ୍ରୱାଲ, ଆୟୁଷ୍ମାନ ମୋହିତ, ମନୀଷ ଶର୍ମା, ଶ୍ରୀ ଠାକୁର ଏବଂ କମିଟିର ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ଶେଷରେ, ଗଣେଶଙ୍କ ଆରତୀ କରିବା ପରେ, ପ୍ରସାଦ ବଂଟନ କରାଯାଇଥିଲା। କମିଟି ଦ୍ୱାରା ପ୍ରତିଦିନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆସନ୍ତା ସେପ୍ଟେମ୍ବର ୨୦ ସନ୍ଧ୍ୟାରେ କମିଟି ଦ୍ୱାରା ଶ୍ରୀ ଗଣପତିଙ୍କ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଆଇନ ମହାବିଦ୍ୟାଳୟରେ ଶ୍ରୀଗଣେଶ ପୂଜା



ରାଉରକେଲା,୧୬/୯(ନି/ପ୍ର): ରାଉରକେଲା ଆଇନ ମହାବିଦ୍ୟାଳୟ ଠାରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାରେ କର୍ତ୍ତା ଭାବେ ଅନିରୁଦ୍ଧ ଶତପଥୀ ଦାୟିତ୍ୱ ତୁଲାଇଥିଲେ। ପୂର୍ବାହ୍ନ ୧୦ ଘଟିକା ସମୟରେ ପୂଜାରମ୍ଭ ହୋଇ ପୁଷ୍ପାଞ୍ଜଳି ସହ ପ୍ରସାଦ ସେବନରେ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଅତିଥି ଭାବେ ଯୋଗଦେଇ ଥିଲାବେଳେ ସର୍ବଶ୍ରୀ ଅଧ୍ୟାପକ ଡ ଦିବ୍ୟେନ୍ଦୁ ପଣ୍ଡା, ମନୋରଞ୍ଜନ ମହାନ୍ତି, ଅଧ୍ୟାପକ ଏସ କେ ବିଶି,ଛବି ମହାନ୍ତି, ଅମିତା ଜେନା, ଅକ୍ଷୟ ଦାଶ,ଏ ସାହୁ,ଆଲୁମନୀ ସଭାପତି ଡ ସୁମନ ଦନ୍, ମୁଖପାତ୍ର କୁଞ୍ଜବିହାରୀ ରାଉତ, ନନ୍ଦକିଶୋର ମହନ୍ତ,ହୃଦୟରଞ୍ଜନ ମହାନ୍ତି, ଦେବାଶିଷ ବେହେରା ପ୍ରମୁଖ ତଥା ଛାତ୍ରଛାତ୍ରୀ ସର୍ବଶ୍ରୀ ଅସୀତ କୁମାର ବେହେରା,ଅଳକାରାଣୀ ମହନ୍ତ, ରୋହିତ କୁମାର,ମହେଶ ଚୌଧୁରୀ, ସତ୍ୟଜିତ ପାଣ୍ଡେ,ଖୁସି ଜୟସ୍ୱାଲ, ରାକ୍ଷୀ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ବିଦ୍ୟାଷ୍ଟଡ଼ି ପଏଂଟରେ ପ୍ରଭୁ ବିଘ୍ନ ବିନାଶକଙ୍କ ଆଶିଷ ଭିକ୍ଷା କଲେ ବିଦ୍ୟାର୍ଥୀ



ସାରନଗରୀ,୧୬।୯(ନି.ପ୍ର): ସାରନଗରୀର ଘରୋଇ ଶିକ୍ଷାନୁଷ୍ଠାନ ବିଦ୍ୟା ଷ୍ଟଡ଼ି ପଏଂଟ ଠାରେ ବିଘ୍ନ ବିନାଶକ ଶ୍ରୀ ଗଣେଣ ପୂଜାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ଚଳିତ ବର୍ଷର ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ମାନେ ଗଣେଶ ପୂଜାରେ ନିଜକୁ ସାମିଲ କରି ପୁଷ୍ପାଜଂଳୀ ଦେଇ ପ୍ରଭୁ ଗଣେଶଙ୍କ ଆଶିଷ ଭିକ୍ଷା କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ପୂଜକ ଭାବେ ନାରାୟଣ ମିଶ୍ର ଓ କର୍ତା ଭାବେ ଚନ୍ଦ୍ର ଶେଖର ମୁନୀ ଉପସ୍ଥିତ ଥିଲେ। ଗଣେଶ ପୂଜାରେ ବିଦ୍ୟା ଷ୍ଟଡ଼ି ପଏଂଟର ନିର୍ଦ୍ଦେଶକ ସରୋଜ କୁମାର ବେହେରା, ଅଧ୍ୟାପକ ସୁନୀଲ ସାମଲ, ଅଧ୍ୟାପକ ବସନ୍ତ କୁମାର ଦାସ ସମେତ ଅଂଚଳର ସମାଜସେବୀ, ସାମାଜିକ କର୍ମୀ, ବୁଦ୍ଧିଜିବୀ, ସ୍ୱେଚ୍ଛାସେବୀ ମାନେ ଗଣେଶ ପୂଜାରେ ନିଜକୁ ସାମିଲ କରିଥିଲେ।

# ପବିତ୍ର ନୂଆଁଖାଇରେ ଧବଳେଶ୍ୱର ମନ୍ଦିରରେ ନବାନ୍ନ ଅର୍ପଣ



ରାଉରକେଲା,୧୬/୯(ନି/ପ୍ର): ଆଜି ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଁଖାଇ ଅବସରରେ ଦେଓଗାଁସ୍ଥିତ ପ୍ରତିଷ୍ଠିତ ଧବଳେଶ୍ୱର ପୀଠରେ ନବାନ୍ନ ଅର୍ପଣ ସହ ନୂଆଁଖାଇ ପର୍ବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ବିରଂଚି ନାରାୟଣ ଦେହୁରୀଙ୍କ ତତ୍ତ୍ୱାବଧାନରେ ସକାଳେ ମନ୍ଦିରର ସମସ୍ତ ରିତୀନିତୀ ଶେଷ ହୋଇଥିଲା। ୧୨.୦୫ମିନଟରେ ମହାଦେବଙ୍କ ପାଖରେ ନୂଆଁ ଚାଉଳରୁ ପସ୍ତୁତ ବିଭିନ୍ନ ସ୍ୱାଦିଷ୍ଟ ଦ୍ରବ୍ୟ ଅର୍ପଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ତଥା ପୁର୍ବତନ ବିଧାୟକ ରବି ଦେହୁରୀ ଓ ସମସ୍ତ ପୂଜକ ଏକାଠି ହୋଇ ଶିବଙ୍କ ପାଖରେ ଲାଗିଥିବା ନୂଆଁ ଚାଉଳର ପ୍ରସାଦକୁ ସମସ୍ତଙ୍କ ମଧ୍ୟରେ ବଂଟନ କରିଥିଲେ। ସେହିପରି ଦେହୁରୀ ପରିବାର ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ନବାନ୍ନ ଭକ୍ଷଣ କରିଥିଲେ। ମନମଂଜରୀ ଦେହୁରୀ ,ହେମଲତା ଦେହୁରୀ, ଅନିତା ଦେହୁରୀ, ଅଙ୍କିତା ଦେହୁରୀ, ନିଶାନ୍ତ ଦେହୁରୀ, ଛତ୍ରପତି ସରୋଜ ରଂଜନ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ପରଂପରା ମନ୍ଦିରରେ ଦୀର୍ଘ ବର୍ଷ ହେଲା ପାଳିତ ହୋଇ ଆସୁଛି ବୋଲି ସଭାପତି ଶ୍ରୀ ଦେହୁରୀ ପ୍ରକାଶ କରିଛନ୍ତି।

# ଦି ଇନ୍ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ରାଉରକେଲା ସେଂଟର ଏବଂ ଆରଏସପି ଦ୍ୱାରା ୫୯ତମ ଇଞ୍ଜିନିୟର୍ସ ଦିବସ ପାଳିତ



ରାଉରକେଲା,୧୬/୯(ନି/ପ୍ର): ଦି ଇନ୍ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ), ରାଉରକେଲା ଆଂଚଳିକ କେନ୍ଦ୍ର ଏବଂ ରାଉରକେଲା ଇସ୍ପାତ କାରଖାନା ର ମିଳିତ ଆନୁକୂଲ୍ୟରେ ସେପ୍ଟେମ୍ବର ୧୫ ତାରିଖ ରେ ଆରଏସପିର ଗୋପବନ୍ଧୁ ଅଡିଟୋରିୟମ୍ଠାରେ ବିପୁଳ ଉତ୍ସାହ ର ସହିତ ୫୯ତମ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ସୁଦୃଢ଼ ଏବଂ ପ୍ରଯୁକ୍ତିବିଦ୍ୟାଗତ ସାର୍ବଭୌମ ଭାରତ ପାଇଁ ଇଞ୍ଜିନିୟରିଂ ଶ୍ରେଷ୍ଠତା ଜାତୀୟ ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ସାରା ଦେଶରେ ପ୍ରଯୁକ୍ତିବିଦ୍ୟାଗତ ଆତ୍ମନିର୍ଭରଶୀଳତା, ସବୁଜ ଶିଳ୍ପାୟନ ଏବଂ ସୁଦୃଢ଼ ବିକାଶକୁ ଆଗେଇ ନେବାରେ ଇଞ୍ଜିନିୟରିଂ ସମ୍ପ୍ରଦାୟର ଅପରିହାର୍ଯ୍ୟ ଭୂମିକାକୁ ରେଖାଙ୍କିତ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବି.ଆର. ପଲାଇ, ମୁଖ୍ୟ ବକ୍ତା ଆଦିତ୍ୟ ଆଲୁମିନିୟମ୍, ହିନ୍ଦାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ର ସଭାପତି ଓ ୟୁନିଟ୍ ମୁଖ୍ୟ ଶ୍ରୀ ଜଗନ୍ନାଥ ପି ନାୟକ, ସମ୍ମାନିତ ଅତିଥି ନ୍ୟାସନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍ଆଇଟି) ରାଉରକେଲାର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ ସରକାର, ଆଇଇଆଇ ରାଉରକେଲାର ଅଧ୍ୟକ୍ଷ ତଥା ଆରଏସପିର ମହାପ୍ରବନ୍ଧକ (ପ୍ଲେଟ୍ ମିଲ୍) ଶ୍ରୀ ଦୀପ୍ତଙ୍କର ମହାପାତ୍ର ଏବଂ ଆଇଇଆଇ ରାଉରକେଲାର ଅବୈତନିକ ସମ୍ପାଦକ ଶ୍ରୀ ହିମାଂଶୁ ଶତପଥୀ ମଚାଂସୀନ ଥିଲେ। ଭାରତ ରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଯାହାଙ୍କ ଜୟନ୍ତୀକୁ ପ୍ରତିବର୍ଷ ଇଞ୍ଜିନିୟର୍ସ ଦିବସ ଭାବରେ ପାଳନ କରାଯାଏ। ନିଜ ଅଭିଭାଷଣରେ ଶ୍ରୀ ବି.ଆର. ପଲାଇ ଇଞ୍ଜିନିୟରିଂ ସମ୍ପ୍ରଦାୟକୁ ସେମାନଙ୍କର ନିରନ୍ତର କାର୍ଯ୍ୟ ଶ୍ରେଷ୍ଠତା ପାଇଁ ପ୍ରଶଂସା କରିଥିଲେ ଏବଂ ଭାରତକୁ ଏକ ସାର୍ବଭୌମ ପ୍ରଯୁକ୍ତିବିଦ୍ୟା ଶକ୍ତି ଭାବରେ ଗଢ଼ିତୋଳିବାରେ ସହାୟତା ପାଇଁ ସୁଦୃଢ଼ ପ୍ରଯୁକ୍ତିବିଦ୍ୟାକୁ କ୍ରମାଗତ ଭାବରେ ଆପଣାଇବାକୁ ଉତ୍ସାହିତ କରିଥିଲେ। ନିଜର ଆଧାର ବକ୍ତବ୍ୟରେ ଶ୍ରୀ ଜେ.ପି. ନାୟକ ସ୍ଥାନୀୟ ନବୋନ୍ମେଷ ଏବଂ ଉନ୍ନତ ଇଞ୍ଜିନିୟରିଂ ପଦ୍ଧତି ମାଧ୍ୟମରେ ପ୍ରଯୁକ୍ତିବିଦ୍ୟାଗତ ସାର୍ବଭୌମତ୍ୱ ହାସଲ କରିବା ବିଷୟରେ ବିସ୍ତୃତ ଭାବରେ ଉଲ୍ଲେଖ କରିଥିଲେ। ପ୍ରଫେସର ପି. ସରକାର ଶିକ୍ଷାଗତ ଗବେଷଣା ଏବଂ ଶିଳ୍ପାଂଚଳ କାର୍ଯ୍ୟକାରୀତା ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ଶ୍ରୋତାମାନଙ୍କୁ ସମ୍ବୋଧିତ କରିଥିଲେ। ଏ ଅବସରରେ ବିଶିଷ୍ଟ ନେତୃତ୍ୱ ଏବଂ ଆନୁଷ୍ଠାନିକ ସେବାକୁ ସ୍ୱୀକୃତି ଦେଉଥିବା ମାନ୍ୟଗଣ୍ୟ ବିଶିଷ୍ଟ ଇଞ୍ଜିନିୟର ପୁରସ୍କାର ଆରଏସପିର ପ୍ରାକ୍ତନ ମହାପ୍ରବନ୍ଧକ ଶ୍ରୀ ଏ.କେ. ଗୋସ୍ୱାମୀ ଏବଂ ଆଂଚଳିକ କେନ୍ଦ୍ରର ପ୍ରାକ୍ତନ ଅବୈତନିକ ସମ୍ପାଦକ ତଥା ଏନ୍ଆଇଟି ରାଉରକେଲାର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ଅବସରପ୍ରାପ୍ତ ପ୍ରଫେସର ସରଦିନ୍ଦୁ ଘୋଷଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବରୁ, ବିଶିଷ୍ଟ ଅତିଥିମାନଙ୍କୁ ସ୍ୱାଗତ କରି ଶ୍ରୀ ଦୀପ୍ତଙ୍କର ମୋହାପାତ୍ର ଶିଳ୍ପ ସମ୍ପ୍ରସାରଣକୁ ପରିବେଶଗତ ସୁଦୃଢ଼ତା ସହିତ ଯୋଡ଼ିବା ପାଇଁ ଆଧୁନିକ ଇଞ୍ଜିନିୟରଙ୍କ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ପ୍ରେରଣାଦାୟୀ ଜୀବନୀ, ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ସ୍ଥାୟୀ ଶିଳ୍ପ ଅବଦାନକୁ ଦର୍ଶାଉଥିବା ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା, ଯାହା ପରେ ଆଇ.ଇ(ଆଇ) ରାଉରକେଲା ଆଂଚଳିକ କେନ୍ଦ୍ରର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଆଇଇ(ଆଇ) ରାଉରକେଲା ଆଂଚଳିକ କେନ୍ଦ୍ରର ଅବୈତନିକ ସମ୍ପାଦକ ଶ୍ରୀ ହିମାଂଶୁ ଶତପଥୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।